

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୬ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 JANUARY 2026
Vol.No. 36 ■ No.06 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଆମେରିକା ଉପରାଷ୍ଟ୍ରପତିଙ୍କ ଘର ଉପରେ ଆକ୍ରମଣ



ନୂଆଦିଲ୍ଲୀ,୫/୧ : ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଘର ଉପରେ ଆକ୍ରମଣ ହୋଇଛି। ଏହି ଘଟଣାରେ ସୁରକ୍ଷା ବାହିନୀ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ସୋସିଆଲ ମିଡିଆରେ ଥିବା ଆକ୍ରମଣର ଫଟୋରୁ ତାଙ୍କ ଘରର ଭଙ୍ଗା ଝରକା ଦେଖାଯାଉଛି। ଆକ୍ରମଣ ପରେ, ଆମେରିକାର ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତାଙ୍କ ପୂର୍ବ ୱାଲନଟ୍ ହିଲ୍ସ ବାସଭବନରେ ପହଞ୍ଚି ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛନ୍ତି। ତଥାପି, ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ ହୋଇଛି କି ନାହିଁ ତାହା ଅଧିକାରୀମାନେ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାଁନ୍ତି। ସିଏନଏନର ଏକ ରିପୋର୍ଟ ଅନୁଯାୟୀ, ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ସନ୍ଦିଗ୍ଧ ବ୍ୟକ୍ତି ଉପରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନଥିଲା। ଆକ୍ରମଣ ସମୟରେ ଜେ.ଡି. ଭାନ୍ସ କିମ୍ବା ତାଙ୍କ ପରିବାର ଘରେ ଉପସ୍ଥିତ ନଥିଲେ। ଗତ ସପ୍ତାହରେ ଭେନେଜୁଏଲାରେ ଆମେରିକାର ଲାଇଭ୍ କାର୍ଯ୍ୟାନୁଷ୍ଠାନ ଦେଖିବା ପାଇଁ ଜେ.ଡି. ଭାନ୍ସ ଟ୍ରମ୍ପ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଉପସ୍ଥିତ ନଥିଲେ। ତେବେ ଭାନ୍ସଙ୍କ କାର୍ଯ୍ୟାଳୟ କହିଛି ଯେ ସେ ଯୋଜନାରେ ସାମିଲ ଥିଲେ। ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଜେଡି ଭାନ୍ସଙ୍କ ବାସଭବନ ଚାରିପାଖରେ ଥିବା ରାସ୍ତାଗୁଡ଼ିକ ରବିବାର (ଜାନୁଆରୀ ୪, ୨୦୨୫) ପର୍ଯ୍ୟନ୍ତ କିଛି ଦିନ ପାଇଁ ବନ୍ଦ ଥିଲା। ସେଠାରେ ପୁଲିସ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଥିଲା ।

## ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ କୋଲକାତା ଲିଙ୍କ

ଭୁବନେଶ୍ୱର, ୫/୧ (ନି.ପ୍ର): ଏସଆଇ ପରୀକ୍ଷା କେଳେଙ୍କାରୀ ମାମଲା । ସିବିଆଇ ଚାର୍ଜସିଟରେ କୋଲକାତା ଲିଙ୍କ । ୬୮ପୃଷ୍ଠାର ସିବିଆଇ ଚାର୍ଜସିଟ୍ ?ରେ ଲୁଚିଛି ସତ । କୋଲକତାର ସଫ୍ଟୱେର କମ୍ପାନିର ଚଞ୍ଚକତା ବାବଦରେ ଦେଇଛି ତଥ୍ୟ । ଏକ କଳା ତାଲିକା ଭୁକ୍ତ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । ବଡ଼ କଥା ହେଉଛି ଏହି ଦାୟିତ୍ୱ ଦେଇଥିଲା ଓପିଆରବି । ମାର୍ଚ୍ଚ ୨୫ରେ ଦୀଘା ମଡେଲରୁ ହୋଇଥିଲା ପ୍ରଶ୍ନପତ୍ର ଲିକ । ଅରବିନ୍ଦର ଦୁଇ ସହଯୋଗୀ ଥିଲେ ବିରଞ୍ଚି ଓ ନିମାଇଁ । ପରୀକ୍ଷାର୍ଥୀଙ୍କୁ ଦେଇଥିଲେ ପ୍ରୋଭିଜନାଲ ଆଡମିଟକାର୍ଡ । ଚାର୍ଜସିଟରେ ୧୬ଅଭିଯୁକ୍ତଙ୍କ ନାଁ, କିନ୍ତୁ ବାଦ୍ ପଡ଼ିଛି ଅଭିଯୁକ୍ତ ଅମିତ ଭାରତୀ । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଓଡ଼ିଶା ପୁଲିସ ସବ-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ଦୁର୍ନୀତି ମାମଲାରେ ୧୬ଜଣଙ୍କ ନାଆଁରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି । ଏଥିରେ କିଙ୍ଗପିନ୍ ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶନୀ, ସୁରେଶ ନାୟକ ଓ ମୁନ୍ନା ମହାନ୍ତିଙ୍କ ନାମ ରହିଥିବା ଜଣାଯାଇଛି । ଏହି ସଂଖ୍ୟା ଆଗକୁ ବଢ଼ିପାରେ ବୋଲି କୁହାଯାଇଛି । ଏମାନଙ୍କ ମଧ୍ୟରୁ ୯ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ସିବିଆଇ ପକ୍ଷରୁ ୭ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଏହା ପୂର୍ବରୁ ଆହୁରି କେତେକ ପରୀକ୍ଷାରେ ବି ଏମାନଙ୍କ ସଂପୃକ୍ତି ଥିଲା ବୋଲି ସିବିଆଇ ସ୍ପଷ୍ଟ କରିଛି । ସେନେଇ ତଦନ୍ତ ଚାଲିଛି ।

## ଶ୍ରୀନଅରରେ ଗଜପତି ମହାରାଜଙ୍କ ପୁଷ୍ୟାଭିଷେକ



ପୁରୀ , ୫/୧ (ନି.ପ୍ର): ବିଜେ କାହାଳୀ, ତେଲିଙ୍ଗି ବାଜା, ଝାଞ୍ଜ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା ଶ୍ରୀନଅର। ପୁଷ୍ୟାଭିଷେକ ହୋଇଥିଲେ ଗଜପତି ମହାରାଜ ଦିବ୍ୟସିଂହଦେବ। ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତିଙ୍କ ପୁଷ୍ୟାଭିଷେକ ଶ୍ରୀନଅରରେ ସମ୍ପନ୍ନ ହୋଇଛି। ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ କରାଯାଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଓ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଓ ପଇତା ପ୍ରଦାନ କରି ଆଶୀର୍ବାଦ ଦେଇଥିଲେ। ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ◆◆ପୃଷ୍ଠା ୭

## ପ୍ରମିଳାଙ୍କ ଘରେ ଯାଜପୁର ବିଜେଡି ନେତାଙ୍କ ବୈଠକ

ଭୁବନେଶ୍ୱର, ୫/୧ (ନି.ପ୍ର): ପ୍ରମିଳାଙ୍କ ଘରେ ଯାଜପୁର ବିଜେଡି ନେତାଙ୍କ ମେଳି । ଯାଜପୁରକୁ ନେଇ ବଡ଼ ବୈଠକ ବସିଥିଲା। ପ୍ରମିଳାଙ୍କ ସରକାରୀ ବଡଭବନରେ ଏକାଠି ହୋଇଥିଲେ ପ୍ରଣବ ପ୍ରକାଶ ଦାସ। ଯାଜପୁର ନେତାଙ୍କ ବୈଠକକୁ ନେଇ ପ୍ରଶ୍ନରେ ପ୍ରମିଳା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତ ଯେ, ମେଳି କଣ ଓ କାହିଁକି କଦର୍ଯ୍ୟ ରୂପ ଦେଉଛ । ଯାଜପୁର ଜିଲ୍ଲା ସଂଗଠନ ବାବଦରେ ଆଲୋଚନା ପାଇଁ ଏକାଠି ହୋଇଥିଲୁ । ଜିଲ୍ଲା ସଂଗଠନ ସୁଦୃଢ଼ କରିବାକୁ ଆଲୋଚନା କଲୁ, ଏଥିରେ ଅସୁବିଧା କଣ । ଅନ୍ୟପଟେ କୋରେଇର ପୂର୍ବତନ ବିଧାୟକମାନଙ୍କୁ ପରୋକ୍ଷ ଟାର୍ଗେଟ୍ କରିଛନ୍ତି ବବି ଦାସ । ସେ କହିଛନ୍ତି ଯେ, ସୁଯୋଗ ପାଇ ସାରିବା ପରେ କୋରେଇକୁ ଛାଡ଼ି ପଳାଇଛନ୍ତି । ଏହା ଏପରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି, ଯଦ୍ୱାରା ଅବିଶ୍ୱାସର ବାତାବରଣ ବଢ଼ି ଯାଇଛି । ଅବିଶ୍ୱାସର ବାତାବରଣ ଭାଙ୍ଗିବା ପାଇଁ ଆମେ ଏଭଳି ଏକାଠି ହେବୁ ।

## ନୂଆବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଜନଶୁଣାଣି : ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ସାମିଲ



ଭୁବନେଶ୍ୱର, ୫/୧ (ନି.ପ୍ର): ସୋମବାର ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ୧୬ତମ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣିଛନ୍ତି । ଅଭିଯୋଗ ଶୁଣିବା ସହ ସେସବୁର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଜନତାଙ୍କ ଅକୁଣ୍ଠ ବିଶ୍ୱାସ ଓ ଆସ୍ଥା ହିଁ ଆମକୁ ପ୍ରତିଦିନ ନିରନ୍ତର ସେବା କରିବା ପାଇଁ ଅପାର ଶକ୍ତି ଯୋଗାଉଛି । ଏ ସରକାର ହେଉଛି 'ଲୋକଙ୍କ ସରକାର'। ପ୍ରଶାସନ ଓ ଜନତାଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ବ୍ୟବସ୍ଥାକୁ ଲୋକଙ୍କ ଅତି ନିକଟତର କରିବା ପାଇଁ ଆମେ ପ୍ରତିବଦ୍ଧ । ଜନଶୁଣାଣି, ପାରଦର୍ଶୀ ପ୍ରଶାସନ ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ; ଉପରେ ଆଧାରିତ ଆମର ଶାସନ ବ୍ୟବସ୍ଥା ଆଜି ସାଧାରଣ ଲୋକଙ୍କ ଦୁଆରମୁହଁରେ ପହଞ୍ଚିପାରିଛି। ଆମ ସରକାରରେ କେହି ଜଣେ ବି ଯେମିତି ନ୍ୟାୟରୁ ବଞ୍ଚିତ ନ ହେବେ, ସେଥିପାଇଁ ଆମେ ସବୁପ୍ରକାର ପ୍ରୟାସ କରୁଛୁ। ଏହି କ୍ରମରେ, ଆଜି ଭୁବନେଶ୍ୱର ୟୁନିଟ-୨ ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜିତ ୧୬ତମ ଜନ ଶୁଣାଣି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଭାଇ-ଭଉଣୀଙ୍କ ଅଭିଯୋଗ ଶୁଣିବା ସହ ତାହାର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛି। ଆପଣଙ୍କ ଭରସା ହିଁ ଆମର ପ୍ରେରଣା। ଏକ ସମୃଦ୍ଧ, ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମର ପ୍ରତ୍ୟେକଟି ପଦକ୍ଷେପ ଆପଣଙ୍କ ସେବାରେ ସମର୍ପିତ।

## ରୋମାଞ୍ଚକର ହେବ ରାଜ୍ୟସଭା ଲଢ଼େଇ: କିଏ ହାତେଇବ ଚତୁର୍ଥ ଆସନ ?

ଭୁବନେଶ୍ୱର, ୫/୧ (ନି.ପ୍ର): ଓଡ଼ିଶା ରାଜନୀତି ଦୃଶ୍ୟପଟ୍ଟକୁ ଓଲଟପାଲଟ କରିବ ରାଜ୍ୟସଭା ନିର୍ବାଚନ । ସଂଖ୍ୟା ପାଇଁ ଶତ୍ରୁ ସାଜିପାରେ ମିତ୍ର । କିଛି ଏଭଳି ଫର୍ମୁଲା ପ୍ରସ୍ତୁତ ହେଉଛି ଚତୁର୍ଥ ଆସନ ପାଇଁ । ସବୁ ଦଳର ଭିତିରି ଅଙ୍କକଷା ମଧ୍ୟରେ ପ୍ରାର୍ଥୀ ହେବାକୁ ଲବି ଜୋର୍ ଧରିଲାଣି । ଆଉ ପ୍ରାୟ ୨ ମାସ ପରେ ରାଜ୍ୟସଭା ନିର୍ବାଚନ ହେବ । ପ୍ରଥମ ୩ଟି ଆସନକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ । ୨ଟି ବିଜେପି ଓ ଗୋଟିଏ ଆସନ ବିଜେଡି ଖାତାକୁ ଯିବ । ହେଲେ ଚତୁର୍ଥ ଆସନକୁ ନେଇ ଗୋଳମାଳ ହେବ ଗଣିତ । ପ୍ରଥମ ପସନ୍ଦର ପ୍ରାର୍ଥୀଙ୍କ ପାଇଁ ଦରକାର ୩୧ ବିଧାୟକଙ୍କ ଭୋଟ୍ । ୨ଟି ଆସନ ହାତେଇବା ପରେ ବିଜେପି ପାଖରେ ବଳକା ୨୦ ବିଧାୟକଙ୍କ ସମର୍ଥନ ରହିବ । ବିଜେଡି ଗୋଟିଏ ଆସନ ଅକ୍ତିଆର କରିବା ପରେ ବଳକା ୧୯ ବିଧାୟକଙ୍କ ସମର୍ଥନ ରହିବ । ସଂଖ୍ୟା ଦୃଷ୍ଟିରୁ ଆସନ ଅକ୍ତିଆର ନକଲେ ମଧ୍ୟ ୱେଟ୍ ଆଣ୍ଡ୍ ୱାଚ୍ ସ୍ଥିତିରେ ରହିବ କଂଗ୍ରେସ । ଚତୁର୍ଥ ଆସନ ପାଇଁ କାହା ପାଖରେ ସଂଖ୍ୟା ନଥିବାରୁ କଣ ହୋଇପାରେ ବିକଳ୍ପ ? ଏହାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଛି । ଚତୁର୍ଥ ଆସନ ପାଇଁ ଦେଖିବାକୁ ମିଳିପାରେ ଅଶ୍ୱିନୀ ବୈଷ୍ଣବଙ୍କ ଫର୍ମୁଲା । କେନ୍ଦ୍ର ନାଁ ଦେଲେ ପୁଣିଥରେ ସମର୍ଥନ ଦେବ କି ବିଜେଡି ? ବିଜେପିକୁ ଅଟକାଇବାକୁ କଂଗ୍ରେସ ସହ ହାତ ମିଳାଇବ କି ବିଜେଡି ? ନବୀନ-ଭକ୍ତ ହାତ ମିଳାଇଲେ ଚତୁର୍ଥ ଆସନ ପକ୍କା ? ସବୁ ଆକଳନକୁ ଭୁଲ୍ ପ୍ରମାଣିତ କରିପାରେ ଘୋଡ଼ା ବେପାର । ଚତୁର୍ଥ ଆସନକୁ ନେଇ ଚର୍ଚ୍ଚା ଭିତରେ ବିଜେଡି କ୍ୟାମ୍ପ କହିଛି, ସୁପ୍ରିମୋ ନେବେ ନିଷ୍ପତ୍ତି । କଂଗ୍ରେସର ଯୁକ୍ତି, ସମୟ ଦେଖି ନିଷ୍ପତ୍ତି ନେବୁ । ଚତୁର୍ଥ ଆସନକୁ ନେଇ କିଏ କାହାକୁ ଅଫର ଦେବ ? କାହାର ଅଫରକୁ କିଏ ଗ୍ରହଣ କରିବ ? ତାକୁ ନେଇ କଡ ଲେଉଟାଇବ ଓଡ଼ିଶା ରାଜନୀତି ।

## ନୂଆ ଦଳ ଗଠନ ଉପରେ ବଡ଼ ସୂଚନା ଦେଲେ ମୋକିମ୍: ଆସନ୍ତା ୧୨ ତାରିଖରେ ପଡ଼ିବ ମୂଳଦୁଆ

ଭୁବନେଶ୍ୱର, ୫/୧ (ନି.ପ୍ର): ଆସନ୍ତା ୧୨ ତାରିଖରେ ମୋକିମ୍‌ଙ୍କ ନୂଆ ଦଳ ପାଇଁ ପଡ଼ିବ ମୂଳଦୁଆ। ଏନେଇ ଏକ ଗଣମାଧ୍ୟମକୁ ମହମ୍ମଦ ମୋକିମ୍ ପ୍ରତିକ୍ରିୟା ଦେଇ ଏହି ସୂଚନା ଦେଇଛନ୍ତି। ଜାତୀୟ ଯୁବ ଦିବସରେ ନୂଆ ଦଳ ପାଇଁ ମୂଳଦୁଆ ପଡ଼ିବ । ମାର୍ଚ୍ଚ ଶେଷ ସପ୍ତାହରେ ନୂଆ ଦଳ ଗଠିତ ହେବ। ଉପକୂଳ ଜିଲାର ଯୁବ ନେତୃତ୍ୱ ଏକାଠି ହେବେ। ଦଳରେ ଯୁବକଙ୍କୁ ପ୍ରାଧାନ୍ୟ ମିଳିବ, ଦଳର ନାମ କଂଗ୍ରେସ ସହ ରହିବ। କେଉଁ ନାମ ରହିବ ତାକୁ ନେଇ ଜ୍ୟୋତିଷଙ୍କ ସହ ବିଚାରବିମର୍ଶ ଚାଲିଛି। ଝିଅ ସୋଫିଆ ଫିର୍ଦ୍ଦୋସ ନିଜ ନିଷ୍ପତ୍ତି ନିଜେ ନେବେ ବୋଲି ମୋକିମ କହିଛନ୍ତି।

## ଭେନେଜୁଏଲା ପରେ ଟ୍ରମ୍ପଙ୍କ ଆଖି ଏବେ ଇରାନ ଉପରେ: ଭୟରେ ଋଷ ପଳେଇବେ ବୋଲି ପ୍ରସ୍ତୁତ ହେଉଛନ୍ତି ଖାମେନେଇ



ନୂଆଦିଲ୍ଲୀ,୫/୧ : ଇରାନ ବର୍ତ୍ତମାନ ସବୁଠାରୁ ବଡ଼ ସଙ୍କଟ ଦେଇ ଗତି କରୁଛି । ଗୋଟିଏ ପଟେ ଦେଶ ଭିତରେ ଜନତାଙ୍କ ପ୍ରବଳ ବିରୋଧ ପ୍ରଦର୍ଶନ ଏବଂ ଅନ୍ୟପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ଇରାନ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି । ଏହି ସମୟରେ ବ୍ରିଟିଶ ଗଣମାଧ୍ୟମର ଏକ ଚାଞ୍ଚଲ୍ୟକର ଦାବି ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ରିପୋର୍ଟ ଅନୁଯାୟୀ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ଦେଶ ଛାଡ଼ି ଋଷକୁ ପଳାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ରିପୋର୍ଟ ଅନୁଯାୟୀ ଖାମେନେଇଙ୍କ ଏହି ଯୋଜନାକୁ ପ୍ଲାନ ବି କୁହାଯାଉଛି । ଏହ ଯୋଜନା ମାଧ୍ୟମରେ ୮୬ ବର୍ଷୀୟ ଖାମେନେଇ ତାଙ୍କ ପରିବାର ଏବଂ ସହଯୋଗୀଙ୍କ ସହ ପାଖାପାଖି ୨୦ ଜଣଙ୍କୁ ସୁରକ୍ଷିତ ନେବାକୁ ବ୍ୟବସ୍ଥା କରୁଛନ୍ତି । ତେବେ ଏହି ଯୋଜାନରେ ଖାମେନେଇଙ୍କ ବିଶାଳ ସମ୍ପତ୍ତି ନେଟୱର୍କକୁ ବି ବାହାରକୁ ନେବା ପାଇଁ ରାସ୍ତା ସାମିଲ ଅଛି । ପ୍ଲାନ ବି ରେ ଖାମେନେଇ ନିଜ ପୁଅ ଅଥବା ତାଙ୍କ ଉତ୍ତରାଧିକାରୀ ମୋଜବାତା ଖାମେନେଇଙ୍କୁ ମଧ୍ୟ ସାଥିରେ ନେଇଯିବେ ବୋଲି କୁହାଯାଉଛି । ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଖାମେନେଇ ଋଷକୁ ହିଁ ପଳାୟନ କରିବେ କାରଣ ଋଷ ବ୍ୟତିତ ତାଙ୍କ ପାଖେ ଆଉ କୌଣସି ସ୍ଥାନ ନାହିଁ ।

◆◆ପୃଷ୍ଠା ୭

## ସର୍ବବୃହତ୍ ସ୍ୱଦେଶୀ ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ : ତଟରକ୍ଷୀ ବାହିନୀରେ ସାମିଲ ହେଲା 'ସମୁଦ୍ର ପ୍ରତାପ'





ନୂଆଦିଲ୍ଲୀ,୫/୧ : ଭାରତ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ଭାରତୀୟ ତଟରକ୍ଷୀ ବାହିନୀର ବେଡ଼ାରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀରେ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ପୋତ 'ସମୁଦ୍ର ପ୍ରତାପ'କୁ ସାମିଲ କରିଛନ୍ତି । ଯଦିଓ ଏହି ଜାହାଜକୁ ମୁଖ୍ୟତଃ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଡିଜାଇନ୍ କରାଯାଇଛି, କିନ୍ତୁ ଏହା ସର୍ଚ୍ଚ ଏବଂ ରେସ୍କ୍ୟୁ ଅପରେସନ୍, ତଟୀୟ ପାଟ୍ରୋଲିଂ ଏବଂ ସାମୁଦ୍ରିକ ସୁରକ୍ଷାକୁ ମଜବୁତ କରିବାରେ ସମାନ ଭାବରେ ସକ୍ଷମ । ଗୋଆ ସିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ 'ସମୁଦ୍ର ପ୍ରତାପ'ର ଲମ୍ବ ୧୧୪.୫ ମିଟର ଏବଂ ଓଜନ ପ୍ରାୟ ୪,୨୦୦ ଟନ୍ । ଏହାର ସର୍ବାଧିକ ଗତି ଘଣ୍ଟାକୁ ୨୨ ନଟ୍‌ରୁ ଅଧିକ । ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୁଯାୟୀ, ଗୋଟିଏ ପ୍ଲାଟଫର୍ମରେ ଏକାଧିକ କ୍ଷମତାର ସମନ୍ୱୟ ହିଁ ଆଜିର ସାମୁଦ୍ରିକ ଆହ୍ୱାନ ପାଇଁ ଆବଶ୍ୟକ । ଏହି ଜାହାଜରେ ୬୦%ରୁ ଅଧିକ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହୃତ ହୋଇଛି, ଯାହା 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନର ଏକ ବଡ଼ ସଫଳତା । ଏହା ଦର୍ଶାଉଛି ଯେ ଭାରତର ପ୍ରତିରକ୍ଷା ଶିଳ୍ପ ଏବେ ଜଟିଳ ଚ୍ୟାଲେଞ୍ଜଗୁଡ଼ିକୁ ସମ୍ଭାଳିବାରେ ସମ୍ପୂର୍ଣ୍ଣ ପରିପକ୍ୱ ହୋଇସାରିଛି । ରାଜନାଥ ସିଂ କହିଛନ୍ତି ଯେ ସାମୁଦ୍ରିକ ପ୍ରଦୂଷଣ ଏକ ଗମ୍ଭୀର ବିଶ୍ୱସ୍ତରୀୟ ଆହ୍ୱାନ ଭାବେ ଉଭା ହୋଇଛି, ଯାହା ମତ୍ସ୍ୟଜୀବୀଙ୍କ ଜୀବିକା ଏବଂ ଆଗାମୀ ପିଢ଼ିର ସୁରକ୍ଷା ଉପରେ ପ୍ରଭାବ ପକାଉଛି । ତେଣୁ ତଟରକ୍ଷୀ ବାହିନୀର ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ ପ୍ରଶଂସନୀୟ । ଏହି ଜାହାଜ ଦେଶବାସୀ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଏକ ନୂତନ ଭରସା ସୃଷ୍ଟି କରିଛି ।ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶତ୍ରୁମାନଙ୍କୁ ମଧ୍ୟ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତୀୟ ତଟରକ୍ଷୀ ବାହିନୀ ଶତ୍ରୁଙ୍କ ମନରେ ଏଭଳି ଭୟ ସୃଷ୍ଟି କରିଛି ଯେ ଯଦି କେହି ଭୁଲରେ ବି ଭାରତର ସାମୁଦ୍ରିକ ସୀମା ଉପରେ ଖରାପ ନଜର ପକାଏ, ତେବେ ତଟରକ୍ଷୀ ବାହିନୀ ତାକୁ ଦେଖିବା ଲୋକ କରି ଛାଡ଼ିବ ନାହିଁ ।

# ବାଂଲାଦେଶରେ ହିନ୍ଦୁ ବିଧବା ମହିଳାଙ୍କୁ ଗଣବଳାତ୍କାର

ନୂଆଦିଲ୍ଲୀ,୫/୧ : ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ନିଷ୍ଠୁରତାର ଘଟଣା ପ୍ରତିଦିନ ଭୟଙ୍କର ହେବାରେ ଲାଗିଛି। ହିନ୍ଦୁମାନଙ୍କୁ ନିର୍ମମ ହତ୍ୟା ପରେ, ଏବେ ଜଣେ ମହିଳାଙ୍କ ସହିତ ଜଡିତ ଏକ ନୃଶଂସ ଘଟଣା ସାମ୍ନାକୁ ଆସିଛି। ବାଂଲାଦେଶର ଝିନାଇଦା ଜିଲାର କାଲିଗଞ୍ଜ ଅଞ୍ଚଳରେ, ଜଣେ ୪୦ ବର୍ଷୀୟ ହିନ୍ଦୁ ମହିଳାଙ୍କୁ ଦୁଇଜଣ ପୁରୁଷ ଗଣବଳାତ୍କାର କରିଥିଲେ, ଏହା ସହ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ। ପୀଡିତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ସେ ବାଂଲାଦେଶର ଝିନାଇଦା ଜିଲାରେ ତାଙ୍କ ପିଲା ସହିତ ରୁହନ୍ତି। ପୀଡିତା କାଲିଗଞ୍ଜ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯେଉଁ ବ୍ୟକ୍ତିଙ୍କଠାରୁ ସେ ଅଢ଼େଇ ବର୍ଷ ପୂର୍ବେ ନଦୀପାରାରେ ୩ ଡେସିମିଲ ଜମି ଏବଂ ଏକ ଦୁଇ ମହଲା ଘର ୨୦ ଲକ୍ଷ ଟଙ୍କାରେ କିଣିଥିଲେ, ସେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ମିଶି ତାଙ୍କୁ ବଳାତ୍କାର କରିଛନ୍ତି। କାଲିଗଞ୍ଜ ଉପ-ଜିଲାର ବାସିନ୍ଦା ପୀଡିତା ନଦୀପାରାର ବାସିନ୍ଦା ଶାହିନ ଏବଂ ତାଙ୍କ ଭାଇଙ୍କଠାରୁ ଘରଟି କିଣିଥିଲେ। ଏହି ଚୁକ୍ତି ପରେ, ଶାହିନ ଖରାପ ଉଦ୍ଦେଶ୍ୟ ପୋଷଣ କରିବା ଏବଂ ପୀଡିତାଙ୍କ ପ୍ରତି ଅଶ୍ଳୀଳ ଆଚରଣ କରିବା ଆରମ୍ଭ କରିଥିଲେ। ପୋଲିସ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ (ଜାନୁଆରୀ ୩, ୨୦୨୬) ଯେତେବେଳେ ବିଧବା ମହିଳାଙ୍କ ଗାଁର ଦୁଇଜଣ ସମ୍ପର୍କୀୟ ତାଙ୍କ ଘରକୁ ଆସିଥିଲେ। ସେତେବେଳେ ଶାହିନ ଏବଂ ତାଙ୍କ ସହଯୋଗୀ ହସନ ତାଙ୍କ ଘରେ ଜୋରଜବରଦସ୍ତ ପ୍ରବେଶ କରି ତାଙ୍କୁ ବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ପୀଡିତାଙ୍କ ଠାରୁ ୩୭,୦୦ ଦାବି କରିଥିଲେ। ମହିଳା ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କ ସମ୍ପର୍କୀୟମାନଙ୍କୁ ଆକ୍ରମଣ କରି ଘଉଡ଼ାଇ ଦେଇଥିଲେ। ମହିଳା ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗଛରେ ବାନ୍ଧି ତାଙ୍କ କେଶ କାଟି ଦେଇଥିଲେ। ସେମାନେ ଘଟଣାର ଭିଡିଓ ମଧ୍ୟ ପ୍ରସ୍ତୁତ କରି ଭାଇରାଲ କରିଥିଲେ। ମହିଳାଙ୍କୁ ମଧ୍ୟ ମାଡ଼ ମାରିଥିଲେ, ଯାହା ଫଳରେ ସେ ଅଚେତ ହୋଇଯାଇଥିଲେ, ପରେ ସ୍ଥାନୀୟ ଲୋକମାନେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ମନମାନିକୁ ଗ୍ରାମବାସୀଙ୍କ ବିରୋଧ

ଜୟପୁର,୦୫/୧ (ନି.ପ୍ର): ଦୀର୍ଘ ବର୍ଷର ଅପେକ୍ଷା ପରେ ଉପାନ୍ତ ଅଂଚଳକୁ ପକ୍କା ରାସ୍ତା ସଂଯୋଗ ହେଉଛି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟରେ ମନମାନି କରୁଛି ଠିକା ସଂସ୍ଥା। ଯାହାକୁ ଘୋର ବିରୋଧ କରି ମେଳି ବାନ୍ଧିଛନ୍ତି ଚାରିଖଣ୍ଡ ଗାଁର ଶହ ଶହ ଲୋକ। ବୋରିଗୁମ୍ମା ବ୍ଲକ ହରଡାଗୁଡା ପଂଚାୟତରେ ହୋଇଛି ଘୋଟାଲା। ସ୍ୱାଧୀନତା ପରଠୁ ପକ୍କା ରାସ୍ତା ଦେଖି ନଥିଲେ ଉପାନ୍ତ ଗାଁ ଲୋକେ। ଏବେ ପକ୍କା ରାସ୍ତା ପାଇଁ ଅନୁଦାନ ଆସିଲା। ତଥ୍ୟ ଅନୁଯାୟୀ, ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଟାରାଙ୍ଗିଣି ଠାରୁ ହରଡ଼ାଗୁଡା ୩ କିଲୋମିଟର ପକ୍କା ରାସ୍ତା ନିର୍ମାଣ। ପଟା ରଙ୍ଗିଣି ନିକଟରେ ଏକ ବ୍ରିଜ ନିର୍ମାଣ। ଚାନ୍ଦବେଢା ଠାରୁ ରସେଇପଦର ଗାଁ ପର୍ଯ୍ୟନ୍ତ ୬କିଲୋମିଟର ପକ୍କା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟର ପରିଚାଳନା ଦାୟୀତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଥିଲା। ଯଦିଓ ଟେଣ୍ଡର ପାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା ଠିକା ସଂସ୍ଥା। କାର୍ଯ୍ୟର ମନ୍ଥରତା କାରଣରୁ ୫ ବର୍ଷ ପରେ ବି ୩୦ ପ୍ରତିଶତ କାର୍ଯ୍ୟ ସରିନାହିଁ। ପଟାରାଙ୍ଗୀଣି ନିକଟରେ ବ୍ରିଜ ନିର୍ମାଣ ହୋଇଥିଲେ ବି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରିନି। ସେହିପରି ପଟାରାଙ୍ଗିଣି ଠାରୁ ରସୋଇପଦର ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କଥାକୁ ନଶୁଣି ମନମାନି କରୁଛି ଠିକା ସଂସ୍ଥା। ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଚୁପ ରହିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଦୁଇଟି ରାସ୍ତା ଉପରେ କୋରାପୁଟ ଜିଲ୍ଲାର ହରଡା ଗୁଡା ପଂଚାୟତର ୧୭ଟି ଗାଁ ଏବଂ ଦଶମନ୍ତପୁର ବ୍ଲକର ୮ଟି ଗାଁର ଗ୍ରାମବାସୀ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସଠିକ ନହେଲେ ଜିଲ୍ଲାପାଳଙ୍କୁ ଜଣାଇବୁ ବୋଲି ଚେତାବନୀ ଦେଇଛନ୍ତି ଅଂଚଳବାସୀ। ବ୍ଲକର ଉପାନ୍ତ ହରଡାଗୁଡ଼ା ଓ ଚମ୍ପାପଦର୍ ପଂଚାୟତର ଅନେକ ଅପହଂଚ ଗାଁ ରହିଛି। ହରଡାଗୁଡ଼ାରୁ ପଟାରଙ୍ଗନି ନଦୀ ଉପରେ ପୋଲ ନଥିବାରୁ ଅନେକ ଲୋକ ଭାସି ଯିବା ନଜିର ମଧ୍ୟ ରହିଛି। ପ୍ରଥମ ଥର ରାସ୍ତା ଦେଖିବାର ସ୍ୱପ୍ନ କଲେ ଧୂଳିସାତ୍ ହୋଇଯିବ କାଳେ ରାସ୍ତା ଆଗକୁ ସମ୍ପୂର୍ଣ ନିମ୍ନମାନର ହୋଇଯାଇପାରେ ଏହାକୁ ଲକ୍ଷ୍ୟ କରି ୪ ଗ୍ରାମର ଗ୍ରାମବାସୀ ମେଳି ବାନ୍ଧି ଠିକ୍ ରାସ୍ତା ନିର୍ମାଣ ର ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଲୋକଙ୍କ ମେଳି ସ୍ଥାନରେ ପହଂଚି ଠିକ୍ ରାସ୍ତା ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଠିକା ସଂସ୍ଥାର ସୁପରଭାଇଜର ଧର୍ମେନ୍ଦ୍ର ସିଂ। ଏତେ ବର୍ଷ ର ଅପେକ୍ଷା ପରେ ପ୍ରଥମ କରି ଦୁର୍ଗମ ଅଂଚଳ ଗୁଡିକୁ ପକ୍କା ରାସ୍ତା ସଂଯୋଗ ହେଉଛି। ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ମନମାନି କାରଣରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ସରକାର ଦୃଷ୍ଟି ଦେଇ ଖୁବ ଶୀଘ୍ର ଉନ୍ନତ ମାନର ରାସ୍ତା ନିର୍ମାଣ କରିବା ଦିଗରେ ସୃଷ୍ଟି ଦେବା ଜରୁରୀ ହୋଇପଡିଛି।

# 'ଆମ ବସ୍' ଦୁର୍ଘଟଣାକୁ ନେଇ ଅଟୋ ମହାସଂଘର ବିକ୍ଷୋଭ

ଭୁବନେଶ୍ୱର, ୦୪ ଜାନୁଆରୀ (ହି.ସ.) ଶନିବାର ଦିନ ଭୁବନେଶ୍ୱରର ରୁପାଲି ଛକରେ ଘଟିଥିବା 'ଆମ ବସ୍' ଦୁର୍ଘଟଣାକୁ ନେଇ ଆଜି ତୀବ୍ର ପ୍ରତିବାଦ କରାଯାଇଛି। ଗତକାଲି ରୁଟ୍ ନଂ-୩୨ର 'ଆମ ବସ୍' ଏକ ଅଟୋକୁ ଧକ୍କା ଦେଇଥିବାରୁ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ପ୍ରତିବାଦରେ ଆଜି ଅନଲାଇନ ସ୍ମାର୍ଟ ସିଟି ଅଟୋ ମହାସଂଘ ପକ୍ଷରୁ କୁଟ୍ର ଗାଡ଼କଣ ବସ୍ ଡିପୋ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ମହାସଂଘର ସଦସ୍ୟମାନେ କହିଛନ୍ତି ଯେ 'ଆମ ବସ୍' ସେବା ପାଇଁ ସ୍ପଷ୍ଟ ଓ ସ୍ୱତନ୍ତ୍ର ନିୟମାବଳୀ ନଥିବାରୁ ଏପରି ଦୁର୍ଘଟଣା ଘଟୁଛି। ସରକାର ତୁରନ୍ତ 'ଆମ ବସ୍' ପାଇଁ ଅଲଗା ନିୟମ ଆଣିବା ସହ ଚାଳକମାନଙ୍କୁ ସଠିକ୍ ପ୍ରଶିକ୍ଷଣ ଦେବାକୁ ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ଦାବି କରିଛନ୍ତି ଯେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅଟୋ ଚାଳକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉ। ଏହି ଦାବି ପୂରଣ ନହେଲେ ରାଜଧାନୀର ପ୍ରତ୍ୟେକ ଛକରେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବିନା ଅନୁମତିରେ ବାଲି ଉଠାଣ ଓ ଚାଲାଣ

ବଲାଙ୍ଗିର,୦୫/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ବାଲି ଚୋରି ଘଟଣା ଏକ ସାଧାରଣ ପ୍ରକ୍ରିୟାରେ ପରିଣତ ହେଲାଣି। ବିଶେଷ କରି ସୁକତେଲ ଓ ଅଙ୍ଗ ନଦୀରୁ ଦିନବେଳା ପ୍ରଶାସନର ନାକତଳେ ବାଲି ଚୋରା ଚାଲାଣ ହେଉଛି। ସ୍ଥାନୀୟ ପୋଲିସ ତଥା ଖଣି ବିଭାଗ ସବୁ ଜାଣି ମଧ୍ୟ ଅଜଣା ରହୁଥିବା ଦେଖିବାକୁ ମିଳିଛି। ବାଲିଖଣି ଲିଜଧାରୀ ମାନେ ଆଇନ ଭାଙ୍ଗି ବାଲି ଉଠାଇବା ସହିତ ଚାଲାଣ କରୁଥିବା ବେଳେ ଅଣଲିଜଧାରୀ ହତଗୁଞ୍ଜା ଦେଇ କାରବାର କରୁଛନ୍ତି। କେବଳ କୌଣସି ଅଭିଯୋଗ ହେଲେ ଅଥବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଗାଡ଼ି ଧରପଗଡ ହେବା ସହିତ ଫାଇନ ଆଦାୟ ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ, ଲୋଇସିଂହା ବ୍ଲକର ଛେଲବାହାଲ ବାଲି ଖାଦାନରୁ ବାଲି ଉଠାଣ ପାଇଁ ଅନୁମତି ରହିଥିବା ବେଳେ ବାକି ବାଲିଖଣି ଗୁଡ଼ିକରୁ ବାଲି ଉଠାଇବା ପାଇଁ ଅନୁମତି ନାହିଁ। ସେହିପରି ଆଗଲପୁର ତହସିଲ ଅଧିନ ସାଲେଭଟା, ଡୁଡୁକା, ଫଟାମୁଣ୍ଡା, କୁଟାସିଂହା, ବାଞ୍ଜିପାଲି, ଫାସଡ, ତେତେଲଗାଁ ପ୍ରଭୃତି ବାଲି ଖଣିରୁ ବାଲି ଉଠାଣ ପାଇଁ ଅନୁମତି ନାହିଁ। ଯାହା ବି ଚାଲିଛି ଖଣି ବିଭାଗ ତଥା ପୋଲିସର ଜାଣତରେ। ଏପରିକି କୌଣସି ବୈଧ ବାଲିଖଣି ନ ଥାଇ ଡୁଡୁକ-ମହୁଲପାଲି ମଝିରେ ଚୂର୍ଣମୁହାଣ ନାମକ ସ୍ଥାନରୁ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଉଠାଣ ହେଉଛି। ସେହିପରି ରଫାଖାଲ ଠାରେ ବେଆଇନ ଭାବେ ଆଉ ଏକ ବାଲିଘାଟ ତିଆରି କରି ବାଲି ଉଠାଣ ପାଇଁ ମସୁଧା ଚାଲିଥିବା ଜଣାଯାଇଛି। କେଉଁ ଘାଟରୁ କେତେ ଇଲାକାରେ ବାଲି ଉଠିବ, ତାହା ନିଲାମ ସମୟରେ ଦର୍ଶା ଯାଇଥିଲେ ମଧ୍ୟ ବାଲି ମାଫିଆ ମାନେ ନିର୍ଦ୍ଧାରିତ ଇଲାକା ବ୍ୟତୀତ ଅନ୍ୟ ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣ କରୁଛନ୍ତି। ଏପରିକି ସ୍ଥାନୀୟ କେନାଲ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ପରିସରରେ ବେଆଇନ ଭାବେ ଶତାଧିକ ଟ୍ରିପ ବାଲି ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ବେଆଇନ ବାଲି ଉଠାଣ, ଚାଲାଣ ତଥା ଗଚ୍ଛିତ ରଖିବା ଉପରେ ରୋକ୍ ଲଗାଇବା ପାଇଁ ଟାସ୍କଫୋର୍ସ ଗଠିତ ହୋଇଥିଲେ ମଧ୍ୟ ତାହା ନାମକୁ ମାତ୍ର। ବଲାଙ୍ଗୀର ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ରହସ୍ୟମୟୀ ତାରିଣୀ ଉନ୍ମୋଚିତ

କେନ୍ଦୁଝର,୦୫/୧ (ନି.ପ୍ର): କେନ୍ଦୁଝରର ପ୍ରବୀଣ ଐତିହାସିକ ନିରଞ୍ଜନ ବାରିକଙ୍କ ବହୁ ଗବେଷଣାଲବ୍ଧ ପୁସ୍ତକ ରହସ୍ୟମୟୀ ତାରିଣୀ କେନ୍ଦୁଝରର ପୂର୍ବତନ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଡ. ଅରୁଣ ପଣ୍ଡାଙ୍କ ଦ୍ୱାରା ସ୍ଥାନୀୟ ସର୍କିଟ ହାଉସର ସଭା କକ୍ଷରେ ଗତକାଲି ଉନ୍ମୋଚିତ ହୋଇଯାଇଛି। କେନ୍ଦୁଝର ସାକ୍ଷରତା ସମିତିର ଏକ ବନ୍ଧୁମିଳନ ଅବକାଶରେ ଡକ୍ଟର ପଣ୍ଡା ଅତିଥି ଭାବେ ଯୋଗଦେବା ସହିତ ତତ୍କାଳୀନ ସାକ୍ଷରତା ଅଭିଯାନରେ ସାମିଲ ହୋଇଥିବା ଅନେକ କର୍ମୀ ଏହି ବନ୍ଧୁମିଳନ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରୁ ଗବେଷକ ନିରଞ୍ଜନ ବାରିକଙ୍କ ଦୀର୍ଘଦିନର ଗବେଷଣାଲବ୍ଧ ପୁସ୍ତକ ରହସ୍ୟମୟୀ ତାରିଣୀ ପୁସ୍ତକକୁ ଉନ୍ମୋଚନ କରି ଡକ୍ଟର ପଣ୍ଡା ସୁଦୀର୍ଘ ତେତିଶ ବର୍ଷ ତଳର ସ୍ମୃତିଚାରଣ କରିଥିଲେ। କେନ୍ଦୁଝରରୁ ନିରକ୍ଷରତା ହଟାଇ ଦେବାକୁ ସେ କାଳର ସଂଗ୍ରାମ ସ୍ୱାଧୀନତା ପ୍ରାପ୍ତି ପରବର୍ତୀ କାଳର ଶ୍ରେଷ୍ଠ ସଂଗ୍ରାମ ଥାଲା। ଏଥିରେ ଯେଉଁ ସଂଗ୍ରାମୀମାନେ ସାମିଲ ହୋଇଥିଲେ ସେମାନଙ୍କ ନିଷ୍ଠାପର ତ୍ୟାଗ ଅବିସ୍ମରଣୀୟ। ସେହି ଅଭିଯାନରେ ସାମିଲ ହୋଇ ନିରଞ୍ଜନ ବାବୁ ପାଠ୍ୟପୁସ୍ତକ ରଚନା କରି ସାରା ଜିଲ୍ଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କେନ୍ଦୁଝର ମାଟିରେ ସେ ଏବେବି ଜଣେ ତପସ୍ୱୀ ଭାବେ ସାଧନରତ। ପୂର୍ବରୁ କେନ୍ଦୁଝର ଇତିହାସ ଓ ରହସ୍ୟମୟ ଜଗନ୍ନାଥ ଓ କେନ୍ଦୁଝର ପୁସ୍ତକ ରଚନା କରି ନିଜ ତ୍ୟାଗ ଓ ଏକନିଷ୍ଠ ସାଧନାର ପରିଚୟ ଦେଇଥିଲେ। ଏବେ କେନ୍ଦୁଝରର ରାଷ୍ଟ୍ରଦେବୀ ତାରିଣୀଙ୍କ ରହସ୍ୟ ଅନୁସନ୍ଧାନ କରି ଏ ପୁସ୍ତକ ରଚନା କରିଛନ୍ତି। ସୁଦୀର୍ଘ ୪୨ ବର୍ଷ ଅଧ୍ୟୟନ କରି ସେ ଏ ପୁସ୍ତକଟିକୁ ଲେଖିଛନ୍ତି। ବହୁ ଅଜ୍ଞାତ ବିଷୟ ଏଥିରୁ ଜାଣିବାକୁ ହେବ। ପୁସ୍ତକଟି ତାଙ୍କର ଅନ୍ୟାନ୍ୟ ପୁସ୍ତକ ଭଳି ବେଶ୍ ଆଦୃତ ହେବ ନିଶ୍ଚୟ।

# ଖଡ଼ିଆଳ ରାଜା ଡଃ ଜିତାମିତ୍ର ସିଂ ଦେଓଙ୍କ ପରଲୋକ

ନୂଆପଡ଼ା,୦୫/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଆଜି ୮୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଆଜି ସକାଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବାବେଳେ ଦିନ ୧ଟାରୁ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଦିନ ୧ଟା ୩୫ ମିନିଟରେ ତାଙ୍କର ମୃତ୍ୟୁ ହୋଇଛି। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରୁ ସମ୍ମାନ ଜନକ ଡକ୍ଟରେଟ୍ ପାଇଛନ୍ତି। ତାଙ୍କ ଦ୍ୱାରା ୧୮ ଖଣ୍ଡ ଇତିହାସ ଏବଂ ପନ୍ତାତ୍ତ୍ୱିକ ବିଷୟଭିତିକ ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ଅନେକ ବହି ବିଦେଶ ଏବଂ ଭାରତର ଅନେକ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ବ୍ୟବହାର ହୋଇଅଛି। ସେ ଜଣେ ଲବ୍ଧ ପ୍ରତିଷ୍ଠିତ ଗବେଷକ ରୂପେ ପରିଚିତ। ନୂଆପଡ଼ା ଜିଲ୍ଲାର ଅନେକ ଐତିହାସିକସ୍ଥଳୀ ସେ ଆବିଷ୍କାର କରିଛନ୍ତି। ପ୍ରାକ୍ ଐତିହାସିକ ଶିଳାଲିପି ଯୋଗିମଠ, ମାରାଗୁଡ଼ା ସଭ୍ୟତା, ନବନ୍ନାକ ନେହେନାର ପ୍ରାଚୀନ ତଥ୍ୟ ଆଦି ସେ ଆବିଷ୍କାର କରି ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଦୁଇ ପୁଅ ଏବଂ ଗୋଟିଏ ଝିଅ ଅଛନ୍ତି। ରାଣୀ ରାଜଶ୍ରୀ ଦେବୀ ଶେଷ ସମୟରେ ଉପସ୍ଥିତ ଥିଲେ। ଆସନ୍ତାକାଲି ତାଙ୍କ ଜ୍ୟେଷ୍ଠ ପୁତ୍ର ଯୁବରାଜ୍ ଦେବ ଦେବ ପ୍ରସାଦ ସିଂ ଦେଓଙ୍କ ରାଜ୍ୟ ଅଭିଷେକ ହେବା ପରେ ଜିତାମିତ୍ର ପ୍ରସାଦ ସିଂ ଦେଓଙ୍କ ଶେଷକୃତ୍ୟ ରାଜବଂଶର ଶ୍ମଶାନ ଘାଟରେ ଅନୁଷ୍ଠିତ ହେବା ନିଷ୍ପତି ହୋଇଅଛି।

# ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପ୍ରତିବାଦରେ ସିପିଆଇର ବିକ୍ଷୋଭ ଅନୁଷ୍ଠିତ

ଭୁବନେଶ୍ୱର ,୦୫/୧ (ନି.ପ୍ର): ଭେନେଜୁଏଲା ବିରୋଧରେ ଆମେରିକାର ଆକ୍ରମଣକୁ ଏବଂ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କର ସହଧର୍ମିଣୀ ସିଲିଆ ଫ୍ଲୋରେସଙ୍କୁ ଅପହରଣ କରାଯାଇଥିବା ଘଟଣାକୁ କଟୁ ସମାଲୋଚନା ସହ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆଜି ଭୁବନେଶ୍ୱର ଠାରେ ପ୍ରତିବାଦ ବିକ୍ଷୋଭ ପ୍ରଦର୍ଶନ କରାଯାଇଛ। ଆମେରିକାର ଏହି ଅନୁପ୍ରବେଶ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବିରୋଧରେ ହୋଇଥିବା ଆକ୍ରମଣ, ଯାହା ଜାତିସଂଘ ସଂବିଧାନର ଖୋଲାଖୋଲି ଉଲ୍ଲଂଘନ ବୋଲି କୁହାଯାଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଭାଷଣରେ ଭେନେଜୁଏଲାର ତୈଳ ସଂପଦକୁ ଦଖଲ କରିବା କଥା କହି, ଏହି ଆକ୍ରମଣ ପଛରେ ଥିବା ଆସଲ ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦେଇଛନ୍ତି। ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ଆଉ ଏକ ପାଦ ଆଗକୁ ଯାଇ କ୍ୟୁବା ଓ ମେକ୍ସିକୋ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେବ ବୋଲି ସତର୍କ କରିଛନ୍ତି। ଆମେରିକାର ୨୦୨୫ ଜାତୀୟ ସୁରକ୍ଷା କୌଶଳ ଡକ୍ୟୁମେଂଟ ପ୍ରକାଶର କିଛି ଦିନ ମଧ୍ୟରେ ଆସିଥିବା ଏହି ସମସ୍ତ ବକ୍ତବ୍ୟ ସ୍ପଷ୍ଟ କରୁଛି ଯେ, ଆମେରିକୀୟ ସାମ୍ରାଜ୍ୟବାଦ ସାରା ପୃଥିବୀ ଉପରେ ନିଜ ଆଧିପତ୍ୟ ଥୋପିବାକୁ ଚାହୁଁଛି, ଯଦି ଆବଶ୍ୟକ ପଡ଼େ ସେଥିପାଇଁ ସାମରିକ ଆକ୍ରମଣ ମଧ୍ୟ କରିବ ବୋଲି ସୁଚାଉଛି। ଆମେରିକା କୁଖ୍ୟାତ ମୋନ୍‌ରୋ ସିଦ୍ଧାନ୍ତର 'ଟ୍ରମ୍ପ ସଂଶୋଧନ' ଲାଗୁ କରି ସମଗ୍ର ପଶ୍ଚିମଗୋଲାର୍ଦ୍ଧକୁ ନିଜର ବାଡ଼ି ପଛ ଅଗଣା ଭାବେ ଦେଖି, ସେଠାରେ ନିଜ ଆଧିପତ୍ୟ ଚାଲାଇବାକୁ ଚାହୁଁଛି। ଆମେରିକାର ଆକ୍ରମଣ ବିରୋଧରେ ଓ ନିଜ ଦେଶର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭେନେଜୁଏଲାର ଲୋକେ ବିଶାଳ ସଂଖ୍ୟାରେ ଏକତ୍ରିତ ହେଉଛନ୍ତି। ଆମେ ସଂଘର୍ଷରତ ଭେନେଜୁଏଲାର ଜନତାଙ୍କ ସହ ପୂର୍ଣ୍ଣ ସମର୍ଥନ ଓ ଭ୍ରାତୃତ୍ୱ ପ୍ରକାଶ କରୁଛୁ। ଭେନେଜୁଏଲା ର ରାଷ୍ଟ୍ରପତି ନିକୋଲାସ ମୋଦୁରୋ, ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଅବିଳମ୍ବେ ମୁକ୍ତ କରିବା, ଭେନେଜୁଏଲାରେ ନିଜର କାଠପୁତଳୀକୁ କ୍ଷମତାରେ ବସାଇ ତୈଳ ସମ୍ପଦ ଲୁଣ୍ଠନର ହୀନ ପ୍ରୟାସ ବନ୍ଦ କରିବାକୁ ସିପିଆଇ ଦାବି କରିଛି। ଆମେରିକା କ୍ୟୁବା ଉପରେ ଅର୍ଥନୈତିକ ବାସନ୍ଦ, ଇରାନ ଉପରେ ଆକ୍ରମଣର ଧମକ ଓ ଭାରତ ଉପରେ ଟାରିଫ୍ ବୋଝ ଲଦି ଦେବା ଘଟଣା କୁ ନିନ୍ଦା କରାଯାଇଛି।

# ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍: ନିରାପତ୍ତା ଆଇନ ଉଲ୍ଲଂଘନ

ଜୟପୁର,୦୫/୧ (ନି.ପ୍ର): ସ୍କୁଲ ପିଲାଙ୍କ ହାତରେ ବାଇକ୍ ଓ କାର୍। ନିରାପତା ଆଇନ ଉଲ୍ଲଂଘନ। କୋରାପୁଟ ଜିଲା ପୋଲିସ ତରଫରୁ ଯାଂଚ୍ କରିବାକୁ ଦାବି କରାଯାଇଛି। ବାଳିକା, ବାଳକ ତଥା ସ୍କୁଲ ପିଲାଙ୍କ ମଧ୍ୟରେ ଗାଡି ଚଳାଇବା ନିଶା ବେଶ ଘାରିଛି। ସମ୍ଭାବିତ ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି। ୧୪ ବର୍ଷରୁ କମ ପିଲା ମାନଙ୍କ ଅଭିଭାବକମାନେ ବାଇକ ଚାବି ଦେବାରୁ ପିଲାମାନେ ଆଉ ମାନୁ ନାହାନ୍ତି। ଦୁର୍ଘଟଣା ଆଶଙ୍କାରେ ଭୟଭୀତ ଅଛନ୍ତି। ଭିଡ ରାସ୍ତାରେ ମଧ୍ୟ ଗାଡ଼ି ଚଳାଇ ଏପରି ଯାଉଛନ୍ତି ଯେ, ଅସାବଧାନତା ହେଲେ ଭୟଙ୍କର ରୂପ ନେବ। ସଡ଼କ ନିରାପତା ଆଇନ ଅନୁଯାୟୀ ନାବାଳକ ମାନଙ୍କ ପାଇଁ ଗାଡି ଚଳାଇବା ମନା ଥିବାବେଳେ କଟକଣାକୁ କିନ୍ତୁ କେହି ମାନୁ ନାହାଁନ୍ତି। ଏପରିକି ଅଭିଭାବକ ମାନେ ନାବାଳକ ପିଲାଙ୍କ ପାଇଁ ବାଇକ, ସ୍କୁଟିର ଚାବି ଦେଇ ଭିଡ଼ ରାସ୍ତାରେ ଚଳାଇବାକୁ ପ୍ରୋତ୍ସାହିତ କରୁଥିବା ଦେଖାଯାଉଛି। ଏମିତିକି ସ୍କୁଲରୁ ଫେରିବା ପରେ ପୁଅ ଝିଅ ମାନେ ସ୍କୁଟି ଓ ବାଇକ ଧରି ଭିଡ଼ ରାସ୍ତାରେ ଏକ ପ୍ରକାର ପ୍ରତିଯୋଗିତା କରୁଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥରେ ସାଧାରଣତଃ ଗାଡ଼ିମୋଟର ଭିଡ଼ ଥିବା ସତ୍ୱେ ଏହି ପିଲାମାନେ କିଛି ନମାନି ଯେପରି ଭାବେ ବାଇକ ଓ ସ୍କୁଟି ଚଳାଇଥାନ୍ତି ନଦେଖିଲେ ବିଶ୍ୱାସ କରି ହେବନାହିଁ। ଧନୀ ବ୍ୟବସାୟୀଙ୍କ ପିଲାମାନେ ସେମାନଙ୍କ ସ୍କୁଲ ଓ କଲେଜ ପଢୁଆ ପୁଅ ଝିଅଙ୍କ ପାଇଁ ବାଇକ ଓ ସ୍କୁଟି ଦେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଏହି ନାବାଳକଙ୍କ ବିପଦପୂର୍ଣ ବାଇକ ଚାଳନା ଦେଖିଲେ ଯେକେହି ବି ଭୟଭୀତ ହେବା ସ୍ୱାଭାବିକ। ସେହିପରି ନାବାଳକ ମାନେ କୋରାପୁଟ ଜିଲା ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସହର ସମେତ ଗ୍ରାମାଚଂଳରେ ୬୦ ରୁ ୮୦ ସ୍ପିଡରେ ବସ୍ତି ମଧ୍ୟରେ ବାଇକ ଚଳାଇବା ଏକ ସାଧାରଣ ଘଟଣା ହେଲାଣି। କଥା କେବଳ ସେତିକିରେ ଅଟକି ନାହିଁ, ଧନୀ ବାପାଙ୍କ କିଛି ନାବାଳକ ଝିଅପୁଅ ସେମାନଙ୍କ ଘରେ ଥିବା ସୌଖୀନ କାର ମଧ୍ୟ ଚଳାଇବା ଆରମ୍ଭ କଲେଣି। ବାଇକ, ସ୍କୁଟି ଏବଂ କାର ଚଳାଇବାରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବା ଏହି ନାବାଳକ ଗାଡ଼ି ଚାଳନାର କୌଣସି ନିୟମକାନୁନ ଜାଣି ନଥିବା ବେଳେ ସେମାନଙ୍କ ଏହି ବେପରୁଆ ଗାଡ଼ିଚାଳନା କେତେ ଭୟଙ୍କର ଦୁର୍ଘଟଣା ଘଟାଇପାରେ ତାହା ମଧ୍ୟ ସେମାନେ ଜାଣିନାହାନ୍ତି। ତେବେ ସବୁଠୁ ଦୁଃଖର କଥାହେଲା ଏହି ପିଲାଙ୍କୁ ବାଇକ, କାର ଚଳାଇବାକୁ ସେମାନଙ୍କ ଅଭିଭାବକମାନେ ଆକଟ କରିବା ପରିବର୍ତେ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ନାବାଳକଙ୍କ ଦ୍ୱାରା ଏହି ବେପରୁଆ ଗାଡ଼ିଚାଳନା ଯୋଗୁଁ ପ୍ରତ୍ୟେକ ଦିନ ଅନେକ ଦୁର୍ଘଟଣା ହେବା ସ୍ଥିତି ଉପୁଜି ସାରିଛି। ତେବେ ନାବାଳକଙ୍କ ଏହି ବେପରୁଆ ଗାଡି ଚାଳନାକୁ ରୋକିବା ଏବଂ ସେମାନଙ୍କ ଅଭିଭାବକଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ପଡ଼ିବ। ଏହାଛଡ଼ା ଏହି ପିଲାମାନଙ୍କୁ ଧରି ଆବଶ୍ୟକ ସ୍ଥଳେ ଗାଡ଼ି ଜବତ କରି ଜରିମାନା କାଟିବାକୁ ପୋଲିସ ଓ ପରିବହନ ବିଭାଗ ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି।

# ପ୍ରଗତି ମଂଚର ହସ୍ତକ୍ଷେପ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣକୁ କରୁଛି ତ୍ୱରାନ୍ୱିତ

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ହୋଇଥିଲା ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍

ଭୁବନେଶ୍ୱର,୦୫/୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଂଚ ଦେଶରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତ୍ୱରିତ ଏବଂ ସମୟୋଚିତ କାର୍ଯ୍ୟକାରିତାରେ ବିଶେଷ ଭାବେ ସହାୟକ ହୋଇଛି। ଏହାର ଏକ ଉଦାହରଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ୭୦ କିଲୋମିଟର ଲମ୍ବ ଏହି ପ୍ରକଳ୍ପକୁ ମାର୍ଚ୍ଚ ୨୦୧୨ରେ ମଞ୍ଜୁର କରାଯାଇଥିଲା। ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ୧,୬୫୦ କୋଟି ଟଙ୍କା ମଞ୍ଜୁର କରିଥିଲା। ୨୦୧୫ ଜୁଲାଇ ମାସରେ ପୁରୀରେ ଶ୍ରୀଜିଉଙ୍କ ନବକଳେବର ଉତ୍ସବକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଥିବା ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀକୁ ସୁବିଧାଜନକ ରେଳ ସଂଯୋଗୀକରଣ ଯୋଗାଇ ଦେବ। ଶ୍ରୀକ୍ଷେତ୍ରରେ ନବକଳେବର ଦେଖିବା ଲାଗି ୫୦ ଲକ୍ଷ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଥିଲା। ତେଣୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଏହି ରେଳ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ଜରୁରୀ ହୋଇପଡ଼ିଥିଲା। ଇତିମଧ୍ୟରେ ଭୁବନେଶ୍ୱର-ଡେଲାଙ୍ଗ ସେକ୍ସନ ୪୦ କିଲୋମିଟର ରେଳ ଲାଇନ ଏବଂ ଡେଲାଙ୍ଗ-ସାକ୍ଷୀଗୋପାଳ ସେକ୍ସନ ୧୩ କିଲୋମିଟର ରେଳ ଲାଇନର ଦୋହରୀକରଣ ସରିଥିଲା। କିନ୍ତୁ ୧୭ କିଲୋମିଟର ବିଶିଷ୍ଟ ସାକ୍ଷୀଗୋପାଳ-ପୁରୀ ସେକ୍ସନ କାମ ସରିବାରେ ବିଳମ୍ବ ହୋଇଥିଲା। ଠିକ୍ ସମୟରେ ଏହି କାମକୁ ସାରିବା ସହିତ ସମ୍ପୂର୍ଣ୍ଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନକୁ ନବକଳେବର ପୂର୍ବରୁ କାର୍ଯ୍ୟକ୍ଷମ କରିବା ଏକ ବଡ଼ ଆହ୍ୱାନ ଥିଲା। ନିର୍ମାଣ କାମକୁ ଗତିଶୀଳ କରିବା ଏବଂ ସବୁ ବିଳମ୍ବିତ କାର୍ଯ୍ୟକୁ ଯଥାଶୀଘ୍ର ସାରିବା ଜରୁରି ହୋଇପଡ଼ିଥିଲା। ଏହି ପ୍ରକଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି ୨୪ ଜୁନ୍ ୨୦୧୫ରେ ଅନୁଷ୍ଠିତ ପ୍ରଗତି ବୈଠକରେ ଏହାର ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ, ନବକଳେବର ମହୋତ୍ସବ ପାଇଁ ଏହି ପ୍ରକଳ୍ପ ଜରୁରି ହୋଇଥିବାରୁ ରେଳ ମନ୍ତ୍ରଣାଳୟ ଯଥାଶୀଘ୍ର ସବୁ କାମ ସାରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପ୍ରକଳ୍ପକୁ ସର୍ବୋଚ୍ଚ ପ୍ରାଥମିକତା ମାନ୍ୟତା ମିଳିଥିଲା। କାର୍ଯ୍ୟକାରୀ ସଂସ୍ଥା ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପ୍ରୟାସକୁ ବ୍ୟାପକ କରିଥିଲା। ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରାଯାଇ ଯଥାଶୀଘ୍ର ସବୁ କାମ ସାରିବାକୁ ପଦକ୍ଷେପ ନିଆଯାଇଥିଲା। ଅନ୍ୟପକ୍ଷରେ ପ୍ରଗତି ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ନେଇ ନବକଳେବର ମହୋତ୍ସବକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ସୁରକ୍ଷା, ପାନୀୟ ଜଳ ଯୋଗାଣ ଏବଂ ସ୍ୱଚ୍ଛତା ଉପରେ ପ୍ରାଥମିକତା ଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ବିଶାଳ ଧାର୍ମିକ ମହୋତ୍ସବର ଜାତୀୟ ପ୍ରଭାବକୁ ସ୍ୱୀକାର କରି ପ୍ରଗତି ମଂଚ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଜ୍ଞାନ ବିନିମୟ ଏବଂ ସଂସ୍ଥାଗତ ଶିକ୍ଷା ଲାଭ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲା। ଆଗକୁ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ କୁମ୍ଭ ମେଳା ଆୟୋଜନ ହେବାକୁ ଥିବାରୁ ନବକଳେବର ପ୍ରସ୍ତୁତି ଅନୁଧ୍ୟାନ ଲାଗି ପୁରୀରେ ଦଳ ନିୟୋଜିତ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି ଦୂରଦୃଷ୍ଟିପୂର୍ଣ୍ଣ ମାର୍ଗଦର୍ଶନ ଓଡ଼ିଶାର ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ କାର୍ଯ୍ୟକାରିତାଯୋଗ୍ୟ ଉଦାହରଣ ରୂପେ ଗ୍ରହଣ କରିବା ଲାଗି ମାର୍ଗପ୍ରଶସ୍ତ କରିଥିଲା। ଅନ୍ୟ ରାଜ୍ୟଗୁଡ଼ିକ ଓଡ଼ିଶାର ଶ୍ରେଷ୍ଠ ପ୍ରୟାସରୁ ଶିକ୍ଷା ଲାଭ କରିଥିଲେ ଏବଂ ଏହା ଏକ ବିଶାଳ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନରେ ଆନ୍ତଃରାଜ୍ୟ ସମନ୍ୱୟରେ ମଧ୍ୟ ସୁଧାର ଆଣିଥିଲା। ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ନବକଳେବର ୨୦୧୫ ସମୟରେ ୫୦ରୁ ୬୦ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପାଇଁ ସୁବିଧା ଯୋଗାଇ ଦେଇଥିଲା। ଏହି କରିଡର ସିଙ୍ଗଲ ଲାଇନରୁ ଡବଲ୍ ଲାଇନ୍ ହେବା ଫଳରେ ଏହି ମାର୍ଗରେ ଟ୍ରେନ୍ ଏବଂ ଯାତ୍ରୀଙ୍କ କ୍ଷମତା ପ୍ରାୟ ୨ରୁ ୩ ଗୁଣ ବୃଦ୍ଧି ପାଇଥିଲା। ଅଧିକ ଭିଡ଼ ସମୟରେ ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥିଲା। ବର୍ଦ୍ଧିତ କ୍ଷମତା କାରଣରୁ ଭାରତୀୟ ରେଳବାଇ ଦୈନିକ ଲକ୍ଷାଧିକ ଯାତ୍ରୀଙ୍କ ପରିବହନ କରିବାକୁ ସକ୍ଷମ ହୋଇଥିଲା।

# ୧୬ ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା ୨୦୨୬ ଅନୁଷ୍ଠିତ

ଭୁବନେଶ୍ୱର,୦୫/୧ (ନି.ପ୍ର): ଭୁବନେଶ୍ୱର ଜୟଦେବ ଭବନରେ ୧୬ ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା ୨୦୨୬ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାଣୀ ପ୍ରେମୀ ମାନେକା ଗାନ୍ଧୀ, ଦେବୀ ପ୍ରସନ୍ନ ପଟ୍ଟନାୟକ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ , ନିବେଦିତା ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଛି। ଜୀବ ଦୟା ଓ ଅହିଂସା ସମ୍ପର୍କରେ ଦିର୍ଘ ସମୟ ଧରି ନିଜ ମତ ରଖିଛନ୍ତି ମାନେକା ଗାନ୍ଧୀ।

ଆଜି ସମାଜରେ ପ୍ରାଣୀ ଓ ପଶୁମାନଙ୍କୁ ଉପରେ ଅତ୍ୟାଚାର ବଢୁଛି। କେରଳ ୨୮ ହଜାର କଂସେଇ ଖାନା ଥିବା ବେଳେ ଉତ୍ତର ପ୍ରଦେଶରେ ୨୦ ହଜାର କଂସେଇ ଖାନା ରହିଛି ଏହା ସୂଚାଉଛି ଆମେ ନିରୀହ ଜୀବର ଜୀବନ ନେଇ ଆମିଷ ଭୋଜନ କରୁଛନ୍ତି। ଯେଉଁମାନେ ପ୍ରାଣୀମାନଙ୍କ ପାଇଁ ନିଷ୍ଠୁର ବା ହିଂସ୍ର ହୁଅନ୍ତି, ସେମାନେ ମଣିଷ ପାଇଁ ମଧ୍ୟ ନିଷ୍ଠୁର ବା ହିଂସ୍ର ଅଟନ୍ତି। ଯେଉଁ ସରକାର ପ୍ରାଣୀ ଓ ପଶୁସମ୍ପଦ ସୁରକ୍ଷା ପାଇଁ ଉଦ୍ୟମ କରେ ସେହି ସରକାର ଲୋକମାନଙ୍କ ସୁରକ୍ଷା ପାଇଁ ମଧ୍ୟ କାମ କରେ। ଆମେ ଯଦି ଛୋଟ ପିଲାକୁ ମାରିବାରୁ ନାହାନ୍ତି ତେବେ ଛୋଟ ବାଛୁରୀ, ଛୋଟ ମାଙ୍କଡ , ଛୋଟ କୁକୁର ଓ ଛୋଟ ଛେଳିକୁ କିପରି ମାରୁଛେ। ଅନେକ କୁକୁଡ଼ା , ମାଛ, ଛେଳି କୁ ମାରି ଖାଉଛନ୍ତି। ଜୀବ ହତ୍ୟା କରି ଖାଇବା ବା ଆନନ୍ଦ ନେବା କେତେ ଠିକ୍? ଏହା କଣ ଭାରତୀୟ ସଂସ୍କୃତି? ଆମ ଖାଦ୍ୟ ଆମିଷ ନୁହେଁ ଆମେ ନିରାମିଷ ଭୋଜନ କରିବା ଆବଶ୍ୟକ। ସମାଜରେ ଅହିଂସା ସହ ବଂଚିବାର ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ମାନେକା ଗାନ୍ଧୀ। ଜୀବ ହତ୍ୟା ରୋକିବା ପାଇଁ ଆହ୍ୱାନ ଦେଲେ ମାନେକା ଗାନ୍ଧୀ। ଛେଳି ହତ୍ୟା କରୁ ନଥିବା ଲୋକ ୫୦ ହଜାର ଟସର ପୋକକୁ ମାରି ସେଥିରି ତିଆରି ଶାଢୀ ପିନ୍ଧନ୍ତି ଏହା କଣ ମାନବିକତା? ଏହାକୁ ଅହିଂସା ବୋଲି ଆମେ କେମିତି କହିବା ବୋଲି ପ୍ରଶ୍ନ କରିଛନ୍ତି? ପଶୁ ଉପରେ ଅତ୍ୟାଚାର ଓ ଶୋଷଣ ହେଲେ ସେମାନେ ସ୍ୱର ଉଠାଇ ପାରନ୍ତି ନାହିଁ ତେଣୁ ପଶୁ ସମ୍ପଦ ଉପରେ ଅତ୍ୟାଚାର ନ କରିବା ହିଁ ମାନବିକତା ଓ ଅହିଂସା ଏହା ଗାନ୍ଧୀ ଚିନ୍ତା। ଓଡ଼ିଶାର କଳାହାଣ୍ଡି ଭବାନୀପାଟଣାରେ ଆଜିବି ବଳି ପ୍ରଥା ରହିଛି। ଆମେ କାଳୀ ମାତାଙ୍କୁ କଣ ଭୋଗ କରୁ ରକ୍ତ, ମାଂସ, ପୂଜା କରୁ ଏହା କଣ ଆମ ପରମ୍ପରା?

ଆମ ମନ ନରମ କିନ୍ତୁ ଆମେ ଆମ ହୃଦୟରେ ଯେଉଁ କଠୋ ପରଦା ପକାଇ ଦେଉଛେ ତାହା ଗ୍ରହଣୀୟ ନୁହେଁ।

ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିଆନ୍ କୌଣସି ଧର୍ମରେ ନାହିଁ ଆମିଷ ଭୋଜନ କରିବାର ନିୟମ ନାହିଁ। କିନ୍ତୁ ସବୁ ଧର୍ମର ଲୋକ ପଶୁ ହତ୍ୟା କରି ଆମିଷ ବା ମାଂସ ଭୋଜନ କରୁଛନ୍ତି ଏହା ଅହିଂସା କି ବୋଲି ପ୍ରଶ୍ନ କରିଛନ୍ତି ମାନେକା ଗାନ୍ଧୀ। କାର୍ଯ୍ୟରେ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସଭା ସାଂସଦ ସୁଲତାନ ଦେଓ , ପ୍ରତାପଜେନା, ବହୁ ବରିଷ୍ଠ ନେତା ଓ ବୁଦ୍ଧିଜୀବି ସାମିଲ ହୋଇଥିଲେ। ରାଜ କିଶୋର ନାୟକ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହୋଇଛି।

# ମକା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ବଲାଙ୍ଗିର,୦୫/୧ (ନି.ପ୍ର): ଜାତୀୟ ରାଜପଥ ନମ୍ବର ୨୬ ବଲାଙ୍ଗିର-ଟିଟିଲାଗଡ ରାସ୍ତାର ଘୁଚିପାଲି ଛକ ନିକଟରେ ରବିବାର ଭୋର ସମୟରେ ଏକ ମକା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଛି। ଟ୍ରକ ଡ୍ରାଇଭର ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଥିବା ବେଳେ ହେଲ୍ପର ଆହତ ହୋଇଥିବା ଜଣାପଡିଛି। ମକା ବୋଝେଇ ଟ୍ରକଟି ରାଇଘରରୁ ଢେଙ୍କାନାଳ ଅଭିମୁଖେ ଯାଉଥିଲା। ଟ୍ରକଟି ରାସ୍ତାରେ ଯାଉଥିବା ବେଳେ ସାମ୍ନା ପଟରୁ ଆସୁଥିବା ଅନ୍ୟ ଏକ ଗାଡି ହେଡ ଲାଇଟ ମାରି ଆସୁଥିବାରୁ ଟ୍ରକ ଡ୍ରାଇଭର ବଡ ଦୁର୍ଘଟଣାକୁ ଏଡାଇବାକୁ ଯାଇ ଟ୍ରକଟିକୁ କଣ୍ଟ୍ରୋଲ କରି ନପାରିବାରୁ ରାସ୍ତା ଉପରେ ଓଲଟି ପଡ଼ିଥିବା କୁହାଯାଉଛି।

# ଦେହ ପାଇଁ ଖୁବ୍ ଉପକାରୀ ମାଣ୍ଡିଆ



ମାଣ୍ଡିଆ ପରି ଉପକାରୀ ଖାଦ୍ୟ ଆଉ କିଛି ଥାଇପାରେନା। ଏହାକୁ ଖାଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ। ଆଜିକାଲି ଯେଉଁଭଳି ଗ୍ୟାସ୍ଟ୍ରିକ୍ ସମସ୍ୟା ରହୁଛି ତାହା ମାଣ୍ଡିଆ ଖାଇବା ଦ୍ୱାରା କମ୍ ହୋଇଥାଏ। କିଛି ଲୋକ ମାଣ୍ଡିଆକୁ ଛତୁଆ କରି ଖାଇଥାଆନ୍ତି। ଯଦି ଆପଣଙ୍କୁ ସେପରି ଖାଇବାକୁ ଭଲ ଲାଗୁନାହିଁ ତେବେ ଏଥିରେ ଅନ୍ୟ ସବୁ ରକମର ଖାଦ୍ୟ ବନାଇ ବି ଖାଇହେବ।

ଆପଣ ମାଣ୍ଡିଆକୁ ପାଣି ଦେଇ ନିଆଁରେ ଫୁଟାଇବା ପରେ ସେଥିରେ ଖଜୁରୀ, ଡ୍ରାଏଫ୍ରୁଟ୍ସ ମିଶାଇ ସେକ୍ କରି ପିଇପାରିବେ। ଏଥିରେ ଏକ ସୁସ୍ୱାଦୁ ଉପମା ବି ବନାଇ ହେବ। ଚାଲନ୍ତୁ ଜାଣିବା କିପରି ବନାଇବା ମାଣ୍ଡିଆ ଉପମା।

ପ୍ରଥମେ ମାଣ୍ଡିଆକୁ ଧୋଇକି ତାହାକୁ ଛାଣି କରି ରଖିଦିଅନ୍ତୁ। ତାପରେ ପ୍ୟାନ୍‌କୁ ଗରମ କରି ସେଥିରେ ଅଳ୍ପ ପରିମାଣର ତେଲ ପକାନ୍ତୁ। ତେଲ ତାତି ଯିବା ପରେ ସାମାନ୍ୟ ଜିରା ଓ ସୋରିଷ ପକାନ୍ତୁ। ସେଥିରେ ଟିକେ ମୁଗ ଡାଲି ଓ ମସୁର ପକାନ୍ତୁ।

ତାପରେ ସାମାନ୍ୟ ହେଙ୍ଗୁ, ଧନିଆ ପତ୍ର, ଅଦା, କଞ୍ଚା ଲଙ୍କା ଓ କଟା ପିଆଜ ଦିଅନ୍ତୁ। ପିଆଜ ନାଲି ପଡ଼ି ଭାଜି ହେବା ପର୍ଯ୍ୟନ୍ତ ତାକୁ ଏପଟ ସେପଟ କରନ୍ତୁ।

ତା'ପରେ ସେଥିରେ ଧୁଆ ହୋଇଥିବା ମାଣ୍ଡିଆକୁ ପକାଇ ଘଣ୍ଟିଦିଅନ୍ତୁ। ମାଣ୍ଡିଆରୁ ବାସ୍ନା ବାହାରିଲେ ୨ ରୁ ୨.୫ କପ୍ ପାଣି ଦିଅନ୍ତୁ। ସେଥିରେ ଆବଶ୍ୟକ ମୁତାବକ ଲୁଣ ଦେଇ ତାହାକୁ ଫୁଟିବାକୁ ଦିଅନ୍ତୁ।

ପାଣି ଶୁଖିଗଲା ପରେ ଆପଣଙ୍କୁ ଯଦି ଲେମ୍ବୁ ପସନ୍ଦ ତେବେ ଅଳ୍ପ ଟିକେ ଲେମ୍ବୁ ତା ଉପରେ ଚିପୁଡ଼ି ଖାଇପାରିବେ।

# ସକାଳେ ଖାଲି ପେଟରେ ଖାଆନ୍ତୁ ପୋଦିନା ପତ୍ର: ଦୂର ହେବ ଏହି ୪ ସମସ୍ୟା

ସମସ୍ତେ ନିଜ ଘରେ ପୋଦିନା ପତ୍ର ଲଗାଇବା ଜରୁରୀ । ଏହାର କାରଣ ହେଉଛି ଘରେ ପୋଦିନା ଗଛ ଲଗାଇଥିଲେ ଆପଣ ଯେତେବେଳେ ଆବଶ୍ୟକ କରିବେ ଏହାକୁ ଆରାମରେ ବ୍ୟବହାର କରିପାରିବେ । ବାସ୍ତବରେ, ସକାଳେ ଖାଲି ପେଟରେ ପୋଦିନା ପତ୍ର ଚୋବାଇବା ଶରୀରକୁ ଅନେକ ଲାଭ ଦେଇଥାଏ । ଏହା କେବଳ ଆରୋଗ୍ୟ ଗୁଣରେ ପରିପୂର୍ଣ୍ଣ ନୁହେଁ ବରଂ ଅନେକ ଜୀବନଶୈଳୀ ସମ୍ବନ୍ଧୀୟ ରୋଗକୁ ରୋକିବାରେ ମଧ ସାହାଯ୍ୟ କେର । ଏହା ବ୍ୟତୀତ ପୋଦିନା ପତ୍ର ଚୋବାଇବାର ଅନେକ ଲାଭ ଅଛି ।

୧. ପୋଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି ଯାହା ପେଟରେ ପୋକ ହେଲେ ଏହା କାମରେ ଆସିପାରେ । ଯେତେବେଳେ ଆମେ ନିୟମିତ ଭାବରେ ଖାଲି ପେଟରେ ପୋଦିନା ପତ୍ର ଚୋବାଇଥାଉ, ଏହା ପେଟ ପୋକକୁ ମାରିଦିଏ । ଏହା ବାନ୍ତି ଏବଂ ପେଟ ଜଡ଼ିତ ସମସ୍ୟା ସୃଷ୍ଟି କେର ନାହିଁ ।

୨. ଏସିଡିଟିରେ, ସକାଳେ ଖାଲି ପେଟରେ ପୋଦିନା ପତ୍ର ଚୋବାଇବା ଲାଭଦାୟକ ହୋଇଥାଏ । ଏହାର ଥଣ୍ଡା ଗୁଣ ଏବଂ କେତକ ଆଣ୍ଟିଅକ୍ସିଡାଣ୍ଟ ପେଟର ପିଏଚକୁ ସନ୍ତୁଳନ କରିବାରେ ସାହାଯ୍ୟ କରେ ଏବଂ ଅମ୍ଳୀୟ ରସ ହ୍ରାସ କରେ । ଏହା ଅମ୍ଳତା ସମସ୍ୟା ସୃଷ୍ଟି କରେ ନାହିଁ ।

୩. ପେଟରେ ଉତ୍ତାପ ବୃଦ୍ଧି ଯୋଗୁଁ ପାଟି ଘା' ହୋଇଥାଏ । ଏହା ବ୍ୟତୀତ, ବେଳେବେଳେ ଖାଦ୍ୟ ସଂକ୍ରମଣ କିମ୍ବା ପାଟି ସଂକ୍ରମଣ ହେତୁ ଏହି ସମସ୍ୟା ମଧ ଚିନ୍ତାରେ ପକାଇଥାଏ। ଏପରି ପରିସ୍ଥିତିରେ, ପୋଦିନା ପତ୍ର ଚୋବାଇ ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ପାଟି ଘା'କୁ ହ୍ରାସ କରିଥାଏ, ପେଟକୁ ଥଣ୍ଡା କରିଥାଏ ଏବଂ ଏହି ସମସ୍ୟା ଦୂର କରିଥାଏ ।

୪. ଚମକଦାର ତ୍ୱଚା ପାଇବାରେ ପୋଦିନା ପତ୍ର ଖାଇବା ଲାଭଦାୟକ ହୋଇଥାଏ । ବାସ୍ତବରେ ଏହା ରକ୍ତ ସଫା କରିବା ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ । ଏହା ସହିତ, ଏହା ଚମକୁଥିବା ତ୍ୱଚା ପାଇବାରେ ମଧ ସାହାଯ୍ୟ କରେ ।



# ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ



ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ।

ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ।

ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ।

ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି।

ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି।

ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ।

ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

# ବିସ୍କୁଟରେ କେଉଁଥି ପାଇଁ ରହିଥାଏ ଛିଦ୍ର ? : ଜାଣନ୍ତୁ କାରଣ



ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପ୍ରର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି ଏବଂ ଖାଇ ମଧ ଥାନ୍ତି । ବିଭିନ୍ନ ସ୍ୱାଦ ଏବଂ ଗୁଣବତ୍ତା ସହିତ ବଜାରରେ ମଧ ଅନେକ ପ୍ରକାରର ବିସ୍କୁଟ ଉପଲବ୍ଧ ହେଉଛି । ତେବେ ଆପଣମାନେ ସର୍ବଦା ଲକ୍ଷ କରିଥିବେ କିଛି ବିସ୍କୁଟରେ ଗର୍ତ୍ତ ନଥିବାବେଳେ ଅଧିକାଂଶ ବିସ୍କୁଟରେ ଗର୍ତ୍ତ ଥାଏ । ଯାହାକୁ ନେଇ ଅନେକ ସମୟରେ ଲୋକଙ୍କ ମନରେ ପ୍ରଶ୍ନ ଆସିଥାଏ ବିସ୍କୁଟରେ କାହିଁକି ଗର୍ତ୍ତ ରହିଛି । ତେବେ ଆମେ ଆଜି ଆପଣଙ୍କୁ କହିବୁ କାହିଁକି ବିସ୍କୁଟରେ ଏତେ ଗର୍ତ୍ତ ଥାଏ । ଅଧିକାଂଶ ଲୋକ ଭାବନ୍ତି ଯେ ବିସ୍କୁଟ ଉପରେ ଥିବା ଏହି ଛିଦ୍ରଗୁଡ଼ିକ କେବଳ ଡିଜାଇନ୍ ପାଇଁ ନିର୍ମିତହୋଇଛି । କିନ୍ତୁ ବାସ୍ତବରେ ଏହା ସତ୍ୟ ନୁହେଁ , ବିସ୍କୁଟରେ ଛିଦ୍ର ହେବାର ମଧ କିଛି କାରଣ ରହିଛି । ପ୍ରକୃତରେ ବିସ୍କୁଟରେ ଏହି ଛିଦ୍ର କରିବା ଏହାର ଉତ୍ପାଦନର ଏକ ଅତ୍ୟାବଶ୍ୟକ ଅଂଶ । ଏହା ପଛରେ ଏକ ପ୍ରକାର ବିଜ୍ଞାନ ମଧ ଲୁଚି ରହିଛି । ତେବେ ବିସ୍କୁଟରେ ତିଆରି ଏହି ଛିଦ୍ରଗୁଡ଼ିକୁ ଡକର୍ସ କୁହାଯାଏ । ଆପଣ ଏହି ଉଦାହରଣରୁ ବିସ୍କୁଟରେ କଣା କାହିଁକି ରହେ ତାହା ସହଜରେ ବୁଝିପାରିବେ । ଯେତେବେଳେ ଏକ ଘର ନିର୍ମାଣ ହୁଏ, ସେତେବେଳେ ଭେଣ୍ଟିଲେସନ୍ ପାଇଁ ଛିଦ୍ର ରଖାଯାଏ । ଯାହା ଦ୍ୱାରା ବାୟୁ ଚଳାଚଳ କରିପାରିବ । ବିସ୍କୁଟରେ ଛିଦ୍ର ତିଆରି କରିବାର କାରଣ ମଧ ସମାନ । ବାସ୍ତବରେ, ବିସ୍କୁଟରେ ଛିଦ୍ର ରଖିବାର ବଡ କାରଣ ହେଉଛି ଯେ ବେକିଂ ସମୟରେ ବାୟୁ ସହଜରେ ଏହି ଗର୍ତ୍ତଗୁଡ଼ିକ ଦେଇଯାଇପାରେ । ବିସ୍କୁଟ ତିଆରି କରିବା ପାଇଁ ମଇଦା, ଅଟା, ଲୁଣ, ଚିନି ଭଳି ଉପାଦାନ ବ୍ୟବହାର କରାଯାଏ । ଏହି ସାମଗ୍ରୀକୁ ମିଶାଇ ଏକ ଛାଞ୍ଚରେ ରଖି ମେସିନ୍ ତଳେ ରଖାଯାଏ ଏବଂ ମେସିନ୍ ସେଥିରେ ଛିଦ୍ର ତିଆରି କରେ । ବାସ୍ତବରେ, ଛିଦ୍ର ବିନା ବିସ୍କୁଟ ସଠିକ୍ ଭାବରେ ତିଆରି ହୁଏ ନାହିଁ, କାରଣ ବିସ୍କୁଟ ତିଆରି କରିବା ସମୟରେ କିଛି ବାୟୁ ସେଥିରେ ଭରିଯାଏ । ଯେତେବେଳେ ଓଭନରେ ବିସ୍କୁଟ ତିଆରି ହୁଏ, ସେହି ସମୟରେ ଗରମ ହେତୁ ବିସ୍କୁଟ ଫୁଲିବା ଆରମ୍ଭ କରନ୍ତି । ଏଭଳି ପରିସ୍ଥିତିରେ ବିସ୍କୁଟର ଆକୃତି ନଷ୍ଟ ହେବାର ଆଶଙ୍କା ରହିଥାଏ ଏବଂ ଭାଙ୍ଗିଯିବାର ଭୟ ରହିଥାଏ । ସେଥିପାଇଁ ବିସ୍କୁଟରେ ବାୟୁ ଏବଂ ଉତ୍ତାପକୁ ବାହାର କରିବା ପାଇଁ କଣା ରଖାଯାଏ ।

# ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

**ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ ଭିନ୍ନ ହୋଇପାରେ। ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗକୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ। ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି। ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା।**



ଉଦାସୀନତା : ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ। ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି। ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ। ହୃଦ୍‌ରୋଗ : ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ।

ମଧୁମେହ: ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା'ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ। ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ।

ଯକୃତ ରୋଗ: ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ।

ଫୁସଫୁସ ରୋଗ: ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି।

# ସବୁକଥା ବନ୍ଧୁଙ୍କୁ କହିବେନି

ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

# ତ୍ରାଜେଡି ଏବଂ ପ୍ରହସନ

କାର୍ଲ ମାର୍କ୍ସ ଥରେ କହିଥିଲେ ଯେ ଇତିହାସ ନିଜକୁ ଦୋହରାଇଥାଏ; ପ୍ରଥମେ ଏକ ତ୍ରାଜେଡି ବା ବିୟୋଗାନ୍ତକ ଘଟଣା ଭାବରେ ଏବଂ ପରେ ଏକ ପ୍ରହସନ ବା ଉପହାସ ଭାବରେ । ଆଜି ଯେତେବେଳେ ଆମେ ୨୦୨୬ ମସିହାର ପ୍ରାରମ୍ଭରେ ଛିଡ଼ା ହୋଇ ଆମେରିକା ଦ୍ୱାରା ଭେନେଜୁଏଲାରେ କରାଯାଇଥିବା ସାମରିକ ହସ୍ତକ୍ଷେପ ଏବଂ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ବଳପୂର୍ବକ କ୍ଷମତାଚ୍ୟୁତ କରିବାର ଘଟଣାକୁ ଦେଖୁଛୁ, ସେତେବେଳେ ମାର୍କ୍ସଙ୍କ ସେହି ଉକ୍ତିଟି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ । ୨୦୦୩ ମସିହାରେ ଇରାକ ଉପରେ ଆମେରିକାର ଆକ୍ରମଣ ଏକ ବିଶ୍ୱସ୍ତରୀୟ ତ୍ରାଜେଡି ଥିଲା, ଯାହା ମିଥ୍ୟା ପ୍ରତିଶ୍ରୁତି ଏବଂ ଭୁଲ ତଥ୍ୟ ଉପରେ ଆଧାରିତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା । କିନ୍ତୁ ବର୍ତ୍ତମାନ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ପ୍ରଶାସନ ଭେନେଜୁଏଲାରେ ଯାହା କରୁଛି, ତାହା କେବଳ ଏକ ତ୍ରାଜେଡି ନୁହେଁ, ବରଂ ଆନ୍ତର୍ଜାତିକ ରାଜନୀତିର ଏକ ନିଷ୍ଠୁର ପ୍ରହସନରେ ପରିଣତ ହୋଇଛି । ଗଣତନ୍ତ୍ରର ପୁନରୁଦ୍ଧାର ଏବଂ 'ମାଦକ ଦ୍ରବ୍ୟ ବିରୋଧୀ ଯୁଦ୍ଧ' ନାମରେ ଏକ ସାର୍ବଭୌମ ରାଷ୍ଟ୍ରର ମୁଖ୍ୟଙ୍କୁ ଅପହରଣ କରି ଅନ୍ୟ ଏକ ଦେଶର କୋର୍ଟରେ ହାଜର କରିବା ଆଧୁନିକ ବିଶ୍ୱ ଇତିହାସରେ ଏକ ବିରଳ ଏବଂ ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି । ଏହା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ଏକ ଘଟଣା ନୁହେଁ, ବରଂ ଏହା ବିଶ୍ୱ ବ୍ୟବସ୍ଥାରେ ଏକ ଗଭୀର ଫାଟ ସୃଷ୍ଟି କରିଛି ଯାହାର ପରିଣାମ ଆଗାମୀ ଦଶନ୍ଧି ଧରି ଅନୁଭୂତ ହେବ ।

ଏହି ଘଟଣାକୁ ଗଭୀର ଭାବରେ ବିଶ୍ଳେଷଣ କଲେ ଜଣାପଡେ ଯେ ଆମେରିକାର ବୈଦେଶିକ ନୀତିରେ 'ମୋନରୋ ଡକ୍ଟ୍ରିନ୍' ବା ଆମେରିକୀୟ ଏକଚାଟିଆ ଅଧିକାରବାଦର ପୁନରୁତ୍ଥାନ ଘଟିଛି । ଊନବିଂଶ ଶତାବ୍ଦୀର ଏହି ପୁରୁଣା ନୀତି ଅନୁଯାୟୀ, ଲାଟିନ୍ ଆମେରିକାକୁ ଆମେରିକା ନିଜର 'ପଛ ବଗିଚା' ବୋଲି ବିବେଚନା କରେ ଏବଂ ସେଠାରେ ଅନ୍ୟ କୌଣସି ବାହ୍ୟ ଶକ୍ତିର ପ୍ରଭାବକୁ ସହ୍ୟ କରେ ନାହିଁ । ଗତ କିଛି ବର୍ଷ ଧରି ଭେନେଜୁଏଲା ଚୀନ୍ ଏବଂ ଋଷ ସହିତ ନିଜର ସମ୍ପର୍କ ମଜବୁତ କରୁଥିଲା, ଯାହା ୱାଶିଂଟନ୍‌ର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଚିନ୍ତାର ବିଷୟ ଥିଲା । ତେଣୁ, ମାଦୁରୋଙ୍କୁ ହଟାଇବା ପଛରେ କେବଳ ମାନବାଧିକାର କିମ୍ବା ଗଣତନ୍ତ୍ରର ସୁରକ୍ଷା ମୁଖ୍ୟ ଉଦ୍ଦେଶ୍ୟ ନୁହେଁ, ବରଂ ଏହା ପଛରେ ରହିଛି ଭୂ-ରାଜନୈତିକ ସ୍ୱାର୍ଥ ଏବଂ ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାର ଉପରେ ନିୟନ୍ତ୍ରଣ ଜାହିର କରିବାର ଲକ୍ଷ୍ୟ । ଭେନେଜୁଏଲାରେ ବିଶ୍ୱର ସବୁଠାରୁ ବଡ଼ ପ୍ରମାଣିତ ତୈଳ ଭଣ୍ଡାର ରହିଛି, ଯାହା ପ୍ରାୟ ୩୦୦ ବିଲିୟନ ବ୍ୟାରେଲରୁ ଅଧିକ ବୋଲି ଆକଳନ କରାଯାଏ । ଦୀର୍ଘ ଦିନ ଧରି ଆମେରିକୀୟ କଟକଣା ବା ସାଙ୍କସନ୍ ଦ୍ୱାରା ଏହି ସମ୍ପଦର ଉପଯୁକ୍ତ ବିନିଯୋଗ ହୋଇପାରୁ ନଥିଲା । ବର୍ତ୍ତମାନର ସାମରିକ କାର୍ଯ୍ୟାନୁଷ୍ଠାନ ସେହି ଅର୍ଥନୈତିକ ଯୁଦ୍ଧର ଏକ ଚରମ ପରିଣତି ମାତ୍ର, ଯାହା ଦ୍ୱାରା ଆମେରିକା ବିଶ୍ୱ ତୈଳ ବଜାର ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛି ।

ଆମେରିକା ଦାବି କରୁଛି ଯେ ନିକୋଲାସ୍ ମାଦୁରୋ ଜଣେ ଏକଛତ୍ରବାଦୀ ଶାସକ ଏବଂ ତାଙ୍କ ନେତୃତ୍ୱରେ ଦେଶର ଅର୍ଥନୀତି ଭୁଶୁଡି ପଡିଛି । ଏହା ସତ୍ୟ ଯେ ମାଦୁରୋଙ୍କ ଶାସନ କାଳରେ ଭେନେଜୁଏଲାର ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି, ମୁଦ୍ରାସ୍ଫୀତି ଆକାଶଛୁଆଁ ହୋଇଛି ଏବଂ ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ପଳାୟନ କରିଛନ୍ତି । ୨୦୨୪ ନିର୍ବାଚନରେ ମଧ୍ୟ ବ୍ୟାପକ ଅନିୟମିତତାର ଅଭିଯୋଗ ଆସିଥିଲା । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନ୍ୟ ଏକ ଦେଶକୁ ସାମରିକ ବଳ ପ୍ରୟୋଗ କରି ସରକାର ପରିବର୍ତ୍ତନ କରିବାର ଅଧିକାର ମିଳିଯିବ । ଜାତିସଂଘର ଚାର୍ଟରର ଧାରା ୨(୪) ସ୍ପଷ୍ଟ ଭାବରେ କୌଣସି ରାଷ୍ଟ୍ରର ରାଜନୈତିକ ସ୍ୱାଧୀନତା ଏବଂ ଭୌଗୋଳିକ ଅଖଣ୍ଡତା ବିରୁଦ୍ଧରେ ବଳ ପ୍ରୟୋଗକୁ ନିଷେଧ କରେ । ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ଆନ୍ତର୍ଜାତିକ ଆଇନର ଖୋଲାଖୋଲି ଉଲ୍ଲଙ୍ଘନ । ଯଦି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର ନିଜେ ଆନ୍ତର୍ଜାତିକ ନିୟମକୁ ପାଦରେ ଦଳିଦିଏ, ତେବେ ଅନ୍ୟ ଛୋଟ ଦେଶମାନଙ୍କ ସାର୍ବଭୌମତ୍ୱର ସୁରକ୍ଷା କିଏ କରିବ? ଏହା ଏକ ଜଙ୍ଗଲୀ ଆଇନର ପରିଚୟ ଦିଏ ଯେଉଁଠାରେ 'ଯୋର ଯାହାର ମୂଲକ ତାହାର' ନୀତି କାର୍ଯ୍ୟକାରୀ ହେଉଛି ।

ଏହି ଘଟଣାକ୍ରମରେ 'ୟା କାସି ଭେନେଜୁଏଲା' (Ya Casi Venezuela) ଅଭିଯାନ ଏବଂ ଏରିକ୍ ପ୍ରିନ୍ସଙ୍କ ଭଳି ଘରୋଇ ସେନା ଠିକାଦାରମାନଙ୍କ ଭୂମିକାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ଗତ କିଛି ବର୍ଷ ଧରି, ଏକ ସରକାରକୁ ଭାଙ୍ଗିବା ପାଇଁ 'କ୍ରାଉଡଫଣ୍ଡିଂ' ବା ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରି ଯୁଦ୍ଧ କରିବାର ଯେଉଁ ଧାରଣା ସୃଷ୍ଟି କରାଯାଇଥିଲା, ତାହା ନିଜେ ଏକ ପ୍ରହସନ ଥିଲା । ଯଦିଓ ଆମେରିକା ସରକାର ପ୍ରଥମେ ସରକାରୀ ଭାବରେ ଏହି ଘରୋଇ ଉଦ୍ୟମଗୁଡିକ ସହିତ ନିଜର ସମ୍ପର୍କକୁ ଅସ୍ୱୀକାର କରିଆସୁଥିଲା, କିନ୍ତୁ ବର୍ତ୍ତମାନର ସରକାରୀ ସାମରିକ ହସ୍ତକ୍ଷେପ ଦର୍ଶାଉଛି ଯେ ଲକ୍ଷ୍ୟ ସମାନ ଥିଲା—କେବଳ ମାଧ୍ୟମ ଭିନ୍ନ ଥିଲା । ଏହା ପ୍ରମାଣିତ କରୁଛି ଯେ ୱାଶିଂଟନ୍‌ର ନୀତିରେ କୂଟନୀତି ଅପେକ୍ଷା ବନ୍ଧୁକ ମୁନରେ ସମାଧାନ ଖୋଜିବାର ପ୍ରବୃତ୍ତି ଅଧିକ ରହିଛି । ମାଦୁରୋଙ୍କୁ 'ନାର୍କୋ-ଟେରରିଜିମ୍' ବା ନିଶା କାରବାର ସହ ଜଡିତ ଆତଙ୍କବାଦ ଅଭିଯୋଗରେ ଗିରଫ କରିବା ଆମେରିକାର ଏକ ପୁରୁଣା କୌଶଳ । ୧୯୮୯ ମସିହାରେ ପାନାମାର ଶାସକ ମାନୁଏଲ୍ ନୋରିଏଗାଙ୍କ କ୍ଷେତ୍ରରେ ମଧ୍ୟ ସମାନ ପନ୍ଥା ଅବଲମ୍ବନ କରାଯାଇଥିଲା । କିନ୍ତୁ ପ୍ରଶ୍ନ ଉଠେ, ଯେଉଁ ଦେଶ ନିଜେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଅସ୍ଥିରତା ସୃଷ୍ଟି କରୁଛି, ସେ ଅନ୍ୟକୁ ନୈତିକତାର ପାଠ ପଢାଇବାର ଅଧିକାର ରଖେ କି ?

ଏହି ସାମରିକ ଅଭିଯାନର ପରିଣାମ କେବଳ ଭେନେଜୁଏଲା ପାଇଁ ନୁହେଁ, ବରଂ ସମଗ୍ର ଲାଟିନ୍ ଆମେରିକା ଅଞ୍ଚଳ ପାଇଁ ଭୟାବହ ହୋଇପାରେ । ମାଦୁରୋଙ୍କୁ ହଟାଇ ଦିଆଯାଇ ପାରେ, କିନ୍ତୁ ତାଙ୍କର ରାଜନୈତିକ ଦଳ 'ୟୁନାଇଟେଡ୍ ସୋସିଆଲିଷ୍ଟ ପାର୍ଟି ଅଫ୍ ଭେନେଜୁଏଲା' (PSUV)ର ତୃଣମୂଳ ସ୍ତରରେ ଏକ ଶକ୍ତ ଭିତ୍ତିଭୂମି ରହିଛି । ଦେଶର ଗରିବ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଏବେ ବି 'ଚାଭିସ୍ମୋ' ବା ହ୍ୟୁଗୋ ଚାଭେଜଙ୍କ ଆଦର୍ଶର ପ୍ରଭାବ ରହିଛି । ବାହ୍ୟ ଶକ୍ତି ଦ୍ୱାରା ଲଦି ଦିଆଯାଇଥିବା କୌଣସି ନୂତନ ସରକାରକୁ ସେମାନେ ସହଜରେ ଗ୍ରହଣ କରିବେ ନାହିଁ । ଫଳସ୍ୱରୂପ, ଭେନେଜୁଏଲା ଏକ ଦୀର୍ଘସ୍ଥାୟୀ ଗୃହଯୁଦ୍ଧ ଆଡକୁ ଗତି କରିବାର ଆଶଙ୍କା ରହିଛି । ଇରାକ, ଲିବିୟା ଏବଂ ଆଫଗାନିସ୍ତାନର ଉଦାହରଣ ଆମ ଆଖି ଆଗରେ ରହିଛି । ସେଠାରେ ମଧ୍ୟ ଏକଛତ୍ରବାଦୀ ଶାସକମାନଙ୍କୁ ହଟାଇ ଗଣତନ୍ତ୍ର ପ୍ରତିଷ୍ଠା କରିବାର ଦାବି କରାଯାଇଥିଲା, କିନ୍ତୁ ବାସ୍ତବରେ ସେହି ଦେଶଗୁଡିକ ଅରାଜକତା ଏବଂ ଆତଙ୍କବାଦର କେନ୍ଦ୍ରସ୍ଥଳୀ ପାଲଟିଗଲେ । ଭେନେଜୁଏଲାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେଲେ ଏହା ପଡୋଶୀ ଦେଶ କଲମ୍ବିଆ ଏବଂ ବ୍ରାଜିଲ ଉପରେ ଶରଣାର୍ଥୀ ସମସ୍ୟାର ବୋଝକୁ ଆହୁରି ବଢାଇଦେବ । ଏହା ଦକ୍ଷିଣ ଆମେରିକାର ଅର୍ଥନୈତିକ ପ୍ରଗତିରେ ଏକ ବଡ଼ ବାଧକ ସାଜିବ । ଆମେରିକାର ଏହି ପଦକ୍ଷେପ ବିଶ୍ୱ ସ୍ତରରେ ଥିବା ବିଭାଜନକୁ ଆହୁରି ଗଭୀର କରିବ । ଚୀନ୍, ଋଷ ଏବଂ ଇରାନ ଭଳି ଦେଶମାନେ ଏହାକୁ ତୀବ୍ର ନିନ୍ଦା କରିବା ସ୍ୱାଭାବିକ । ଏହା ଦ୍ୱାରା ବିଶ୍ୱ ଏକ ନୂତନ ଶୀତଳ ଯୁଦ୍ଧ ଆଡକୁ ଅଗ୍ରସର ହେଉଛି ଯେଉଁଠାରେ ଆନ୍ତର୍ଜାତିକ ସହଯୋଗ ପରିବର୍ତ୍ତେ ଗୋଷ୍ଠୀ ବିବାଦ ମୁଖ୍ୟ ହୋଇ ଉଭା ହେବ । ଚୀନ୍ ଭେନେଜୁଏଲାରେ ବିପୁଳ ପୁଞ୍ଜିନିବେଶ କରିଛି ଏବଂ ଋଷ ସାମରିକ ସହଯୋଗ ଯୋଗାଇ ଆସୁଥିଲା; ତେଣୁ ସେମାନେ ଏହି ହସ୍ତକ୍ଷେପକୁ ସହଜରେ ଗ୍ରହଣ କରିବେ ନାହିଁ । ଭାରତ ଭଳି ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ମଧ୍ୟ ଏହା ଏକ ଚିନ୍ତାର ବିଷୟ, କାରଣ ତୈଳ ବଜାରରେ ଅସ୍ଥିରତା ଦେଖାଦେଲେ ଏହାର ସିଧାସଳଖ ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡିବ । ଏହାଛଡା, ଯଦି କୌଣସି ଶକ୍ତିଶାଳୀ ରାଷ୍ଟ୍ର ନିଜ ଇଚ୍ଛା ମୁତାବକ ଅନ୍ୟ ଦେଶର ସରକାର ପରିବର୍ତ୍ତନ କରିବାକୁ ଲାଗେ, ତେବେ ବିଶ୍ୱ ଶାନ୍ତି ଏବଂ ସ୍ଥିରତା କେବଳ ଏକ ସ୍ୱପ୍ନ ହୋଇ ରହିଯିବ । ବହୁମୁଖୀ ବିଶ୍ୱ ବ୍ୟବସ୍ଥା (Multipolar World Order) ପରିବର୍ତ୍ତେ ଏକପାଖିଆ ଦାଦାଗିରିର ଯୁଗ ଫେରିଆସିବାର ସଙ୍କେତ ମିଳୁଛି ।

ଭେନେଜୁଏଲାର ସଙ୍କଟର ସମାଧାନ ବନ୍ଧୁକ ମୁନରେ କିମ୍ବା ବାହ୍ୟ ହସ୍ତକ୍ଷେପ ଦ୍ୱାରା ହୋଇପାରିବ ନାହିଁ । ଏହାର ସମାଧାନ କେବଳ ଭେନେଜୁଏଲାର ଜନସାଧାରଣଙ୍କ ହାତରେ ରହିବା ଉଚିତ୍ । ଆନ୍ତର୍ଜାତିକ ସମୁଦାୟର କର୍ତ୍ତବ୍ୟ ଥିଲା ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଏବଂ କୂଟନୈତିକ ବୁଝାମଣା ପାଇଁ ବାଟ ଫିଟାଇବା, ନା କି ଏକ ପକ୍ଷକୁ ସାମରିକ ସହାୟତା ଦେଇ ଯୁଦ୍ଧକୁ ଉସୁକାଇବା । ଡୋନାଲ୍ଡ ଟ୍ରମ୍ପ ହୁଏତ ଭାବୁଥିବେ ଯେ ମାଦୁରୋଙ୍କୁ ହଟାଇ ସେ ଏକ ଐତିହାସିକ ବିଜୟ ହାସଲ କରିଛନ୍ତି, କିନ୍ତୁ ଇତିହାସ ସାକ୍ଷୀ ଅଛି ଯେ ଏଭଳି 'ବିଜୟ' ପ୍ରାୟତଃ ଅଳ୍ପସ୍ଥାୟୀ ହୁଏ ଏବଂ ଦୀର୍ଘମିଆଦୀ ପରାଜୟର କାରଣ ସାଜେ । ଭେନେଜୁଏଲାର ଜନସାଧାରଣ ଯେଉଁମାନେ ପୂର୍ବରୁ ଆର୍ଥିକ ସଙ୍କଟରେ ପେଶି ହେଉଥିଲେ, ଏବେ ସେମାନେ ଏକ ବିଦେଶୀ ଶାସନ ବା କଣ୍ଢେଇ ସରକାରର ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛନ୍ତି । ଏହା ପ୍ରକୃତରେ ଏକ ତ୍ରାଜେଡି, କିନ୍ତୁ ଏହାକୁ ଯେଉଁଭଳି ଭାବରେ ଗଣତନ୍ତ୍ରର ବିଜୟ ବୋଲି ଚିତ୍ରିତ କରାଯାଉଛି, ତାହା ଏକ କ୍ରୂର ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ । ବିଶ୍ୱବାସୀ ଆଜି ନୀରବ ଦର୍ଶକ ସାଜି ଏହି ନାଟକକୁ ଦେଖୁଛନ୍ତି, କିନ୍ତୁ ଏହାର ପରିଣାମ ଆଗାମୀ ଦଶନ୍ଧି ଧରି ଅନୁଭୂତ ହେବ ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ଉତ୍ସବ



**ଶ୍ରୀ ଭୋଳାନାଥ**

ଶ୍ରୀଜଗନ୍ନାଥ କୋଟି କୋଟି ଓଡ଼ିଆଙ୍କ ଜୀବନଧନ । ସେ ପୁଣି ଜଗତର ନାଥ ଜଗନ୍ନାଥ । ଶ୍ରୀମନ୍ଦିରର ଆରାଧ୍ୟ ଦେବତା । ତାଙ୍କୁ ନେଇ ଶ୍ରୀମନ୍ଦିରରେ ମୁଖ୍ୟ ଦ୍ୱାଦଶଯାତ୍ରା ଅନୁଷ୍ଠିତ ହୁଏ । ଯାହା ବିଭିନ୍ନ ଶାସ୍ତ୍ର ପୁରାଣ ମାନଙ୍କରେ ବର୍ଣ୍ଣିତ । ପ୍ରତ୍ୟେକ ଯାତ୍ରାର ନୀତିକାନ୍ତି ସମ୍ପର୍କରେ ମହାପ୍ରଭୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଉପଦେଶ ଛଳରେ ଦର୍ଶାଇଛନ୍ତି । ନୀଳାଦ୍ରିମହୋଦୟ, ସ୍କନ୍ଧ ପୁରାଣ, ବାମଦେବ ସଂହିତା, ବ୍ରହ୍ମପୁରାଣ, ଭାଗବତ ପ୍ରଭୃତି ଗ୍ରନ୍ଥରେ ପ୍ରାଞ୍ଜଳ ଭାବରେ ଏହା ବର୍ଣ୍ଣନା କରାଯାଇଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁଷ୍ୟାଭିଷେକ ଯାତ୍ରା ଦ୍ୱାଦଶମୁଖ୍ୟ ଯାତ୍ରାର ଅଷ୍ଟମଯାତ୍ରା । ପୌଷ ପୂର୍ଣ୍ଣମୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଏହି ପୁଷ୍ୟାଭିଷେକ ଯାତ୍ରା ପାଳନ କରାଯାଏ । ପୁଷ୍ୟା ନକ୍ଷତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶେଷ ପୂଜା ଓ ରାଜାଭିଷେକ ଅନୁଷ୍ଠିତ ହୁଏ । ଗଜପତି ମହାରାଜା ସେବାୟତଙ୍କ ଠାରୁ ଆଜ୍ଞାମାଳ ପାଇ ରାଜାଭିଷେକ ଉତ୍ସବ ପାଳନ କରିଥାନ୍ତି । ପୁଷ୍ୟାଭିଷେକ ଉତ୍ସବ ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜାଭିଷେକ ପରମ୍ପରାକୁ ସୂଚାଇଥାଏ । ଚଉଦ ବର୍ଷ ବନବାସରୁ ଫେରିବା ପରେ ଏହି ଉତ୍ସବ ଅଯୋଧ୍ୟା ରାଜନଅରରେ ପାଳିତ ହୋଇଥିଲା । କଳିଯୁଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପୁଷ୍ୟାଭିଷେକ ଉତ୍ସବ ଶ୍ରୀମନ୍ଦିରର ରତ୍ନସିଂହାସନରେ ପାଳନ କରାଯାଏ । ପୌଷମାସ ଶୁକ୍ଳ ଏକାଦଶୀ ତିଥିରୁ ଅଙ୍କୁରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୁଏ । ଏଥିପାଇଁ ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଚାରିକୋଣ ଓ ଚାରି ଦ୍ୱାର ଥିବା ମଣ୍ଡପଟିଏ ନିର୍ମାଣ କରଯାଇ ଚାନ୍ଦୁଆ ଓ ପତାକା ମାନ ବନ୍ଧାଯାଏ । ଏହି ତିଥିରେ ଆଚାର୍ଯ୍ୟ ପ୍ରଥମେ ଅଗ୍ନିଦେବତା ଓ ପରେ ବରୁଣ ଦେବତାଙ୍କୁ ପୂଜା କରିଥାନ୍ତି । ସାଧାରଣତଃ ନେତ୍ରୋତ୍ସବ, ଗୁଣ୍ଡିଚାଯାତ୍ରା, ବଳଭଦ୍ର ସ୍ନାନ, ଅଭିଷେକ ଉତ୍ସବ, ଦେବତା ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ପ୍ରଭୃତିରେ ଅଙ୍କୁରାରୋପଣ କାର୍ଯ୍ୟ କରାଯାଏ । ପୌଷ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭୋଗ ମଣ୍ଡପକୁ ଧୋ ପଖାଳ କରାଯାଇ ଚାନ୍ଦୁଆ ବନ୍ଧାଯାଇଥାଏ ଓ ସମ୍ମୁଖରେ ଚାରି ଧାଡ଼ିରେ ଚାଉଳ ଚୁନାରେ ମୁରୁଜ ପକାଯାଏ । ରୋଷ କୂଅରୁ ନୂଆହାଣ୍ଡି ବା ପିତଳ ହାଣ୍ଡିରେ ଜଳ ଓ ଏକହାଣ୍ଡି ଘିଅ ଭୋଗମଣ୍ଡପରେ ରଖାଯାଏ । ରୋଷ କୂଅରୁ ଅଣାଯାଇଥିବା ଜଳକୁ ୮୭ ଗଡୁରେ ଓ ଘିଅକୁ ୨୧ ଗଡୁ(ଗିନା)ରେ ଭର୍ତ୍ତି କରି ରଖାଯାଏ । ଘିଅ ଗିନାକୁ ୬ ଗିନା ଲେଖାଏଁ ତିନିବାଡ଼ରେ ଓ ସୁଦର୍ଶନ ମହାପ୍ରଭୁଙ୍କ ବାଡ଼ରେ ତିନି ଗିନା ରଖାଯାଏ । ସେହିପରି ୨୫ଗଡୁ ଲେଖାଏଁ ଜଳ ତିନି ବାଡ଼ରେ ଓ ଅବଶିଷ୍ଟ ୧୨ ଗଡୁ ଜଳ ସୁଦର୍ଶନ ମହାପ୍ରଭୁଙ୍କ ନିମନ୍ତେ ଚାନ୍ଦୁଆ ତଳେ ସ୍ଥାପନା କରାଯାଏ । ସର୍ବମୋଟ ଏହି ୧୦୮ ଗଡୁକୁ ଚେମେଡ଼ି ପତନି ଘୋଡ଼ାଇ ଫୁଲ, ଚନ୍ଦନ ଓ ଏହିପରି ୧୦୮ ପ୍ରକାରର ଦ୍ରବ୍ୟ ବା ମସଲାମାନ ମିଶାଇ ପ୍ରସ୍ତୁତି ପୁର୍ବକ ରଖାଯାଏ । ଏହାପରେ ଭୋଗ ମଣ୍ଡପକୁ ମୁଦ ଦିଆଯାଇ ଅଧିବାସ କର୍ମ ଶେଷ କରାଯାଏ । ଯାହା ନୀଳାଦ୍ରି ମହୋଦୟରେ ମନୋଜ୍ଞ ଭାବରେ ବର୍ଣ୍ଣନା କରାଯାଇଛି । ଯଥା- "ସୌବର୍ଣ୍ଣରୌପ୍ୟକାନ୍ କୁମ୍ଭାନଥବା ତାମ୍ରସମ୍ଭବାନ୍ ନିର୍ମୋଳଦକସମ୍ପୂର୍ଣ୍ଣା ନଷ୍ଟୋତର ଶତାଂଶ୍ଚ ତାନ୍ "

ପୌଷପୂର୍ଣ୍ଣମୀ ଦିନ ସକାଳ ଧୂପ ପରେ ପରେ ମଇଲମ ଓ ତଡ଼ପଉତରୀ ଲାଗି କରାଯାଏ । ପୁଷ୍ୟାଭିଷେକର ହୋମ ଓ ଯଜ୍ଞ କର୍ମ କରାଯାଏ । ମହାନୃସିଂହ ମନ୍ତ୍ରରେ ଏହି ଉତ୍ସବ ପାଳିତ ହୁଏ । ଦେଉଳ



ପୁରୋହିତ ମହାନୃସିଂହ ମନ୍ତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ କର୍ମ ସମ୍ପାଦନ କରନ୍ତି । ସେ ଏକମାତ୍ର ସେବକ ଯିଏ ରୁଦ୍ରାକ୍ଷମାଳା ପରିଧାନ କରିଥାନ୍ତି । ଅନ୍ୟ ପୁରୋହିତ ମାନଙ୍କର ଏହି ମାଳା ପିନ୍ଧିବାର ଆବଶ୍ୟକତା ବା ଅଧିକାର ନଥାଏ । ଦେଉଳ ପୁରୋହିତ ମହାପ୍ରଭୁଙ୍କର କୁଳଗୁରୁ ଭାବରେ ଚତୁର୍ଦ୍ଦଶୀ ତିଥିରେ ଅଧିବାସ ହୋଇଥିବା ଭୋଗ ମଣ୍ଡପ ଦ୍ୱାରକୁ ଖୋଲିଥାନ୍ତି । ଏହାପରେ ସୁଧସୁଆର ରୋଷଘରୁ ଲୁହା ଡ଼ଙ୍କିରେ ଅଗ୍ନି ଆଣନ୍ତି । ଏହି ଅଗ୍ନିଦ୍ୱାରା ଘୃତକୁ ଗରମ କରି ଗଡୁରେ ଥିବା ଜଳ ସହିତ ମିଶାଇଥାନ୍ତି । ପୂର୍ବରୁ ନାନାଦ୍ରବ୍ୟ ମିଶ୍ରିତ ଜଳରେ ମହାପ୍ରଭୁଙ୍କର ଅଭିଷେକପର୍ବ ଆରମ୍ଭ କରାଯାଏ । କୋଠ ସୁଆଁସିଆଙ୍କ ଦ୍ୱାରା ପ୍ରସ୍ତୁତ ଯଜ୍ଞଶାଳାରେ ଯଜ୍ଞକର୍ମ ଆରମ୍ଭ ହୁଏ । ଦେଉଳ ପୁରୋହିତ ହୋମ କରନ୍ତି । ଏଠାରେ ଭିତର ଓ ବାହାର ଟେରା ବନ୍ଧାଯାଏ । ଗରାବଡୁ ସେବକଙ୍କ ଦ୍ୱାରା ଗଡୁସବୁକୁ ହାତରେ ଧରି ଘଂଟ, ଘଂଟା, କାହାଳୀ, ଛତ୍ର ପଟୁଆରରେ ଚାରିଥର ଯଜ୍ଞବେଦୀକୁ ପରିକ୍ରମା କରନ୍ତି । ମହାନୃସିହ ମନ୍ତ୍ରରେ ଧୂପ, ଦୀପ, ନୈବେଦ୍ୟ ଲାଗିହେବା ପରେ ଦେଉଳ ପୁରୋହିତ ଓ ପୂଜା ପଣ୍ଡା ଅଧିବାସ ପାତ୍ର ଦର୍ପଣ ପାଖରେ ଭରିଥାନ୍ତି । ଗରାବଡୁ ମାନେ ଉକ୍ତ ପାତ୍ରୀରେ ଜଳ ଓ ଘିଅ ଦେଇ ଦର୍ପଣ ଉପରେ ଲାଗି କରନ୍ତି । ଏହାକୁ ମହାପ୍ରଭୁଙ୍କର "ଦିବ୍ୟ ସ୍ନାନ" କୁହାଯାଏ । ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ପ୍ରତ୍ୟକ୍ଷ ସ୍ନାନ କରୁଥିବା ବେଳେ ବର୍ଷର ଅନ୍ୟାନ୍ୟ ଦିବସ ଗୁଡ଼ିକରେ ତିନୋଟି ଦର୍ପଣ ମାଧ୍ୟମରେ ସ୍ନାନ କରିଥାନ୍ତି । ମାତ୍ର ଉକ୍ତ ଦିବସରେ ମହାପ୍ରଭୁ ଗୋଟିଏ ଦର୍ପଣରେ ଅଧିବାସିତ ଜଳରେ ସ୍ନାନ କରନ୍ତି । ମହାପ୍ରଭୁଙ୍କର ଏହି ଅଭିଷେକ ଉତ୍ସବ ଏକ ଅନନ୍ୟ ପରମ୍ପରା । ଦେଉଳ ପୁରୋହିତ ଭଦ୍ରାସନରେ ଓ ଅନ୍ୟାନ୍ୟ ପୁରୋହିତ କାଠପିଢ଼ାରେ ଉପବେସନ କରି ପୂଜା କର୍ମ ସମ୍ପାଦନ କରନ୍ତି । ଗଜପତି ମହାରାଜ ଦିବ୍ୟସିଂହଦେବ ମହାପ୍ରଭୁଙ୍କର ପ୍ରତିନିଧି ଭାବରେ ଅଭିଷେକ ଉତ୍ସବ ପାଳନ କରିଥାନ୍ତି । ଏହି ଅଭିଷେକ ଉତ୍ସବରେ ମହାପ୍ରଭୁ ପୁଷ୍ପଧନୁ ଧାରଣ କରନ୍ତି । ଭିତରଛ ମହାପାତ୍ର ଲକ୍ଷ୍ମଣ ରୂପରେ ଓ ପାଳିଆମେକାପ ହନୁମାନ ରୂପରେ ମହାପ୍ରଭୁଙ୍କ ଶ୍ରୀପୟରକୁ ଲାଗି ଆଣ୍ଠୁମାଡ଼ି ବସନ୍ତି । ମହାନୃସିଂହ ମନ୍ତ୍ରରେ ଷୋଡ଼ଶ ଉପଚାର ପୂଜା ହୁଏ । ସିଂହାସନ ଉପରେ ଓ ନିମ୍ନ ଭାଗରେ ଆଲଟ-ଚାମର ଚାଳନା କରାଯାଏ । ଏହାସହିତ ବିଡ଼ିଆ, ଘଷା, ଦହି, ମଣୋହି ଲାଗି ହୁଏ । ଦେବାଧିଦେବଙ୍କୁ ଅପରାଧ କ୍ଷମା ଭିକ୍ଷା କରନ୍ତି ଯାହା ନୀଳାଦ୍ରି ମହୋଦୟରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ଯଥା-

"ସ୍ନାପୟମି ମୁରାଧୀଶ !
ଅପରାଧଂ କ୍ଷମସ୍ୱ ମେ ।
ଇତ୍ୟୁକ୍ତ୍ୱା ତଜ୍ଜଳୈ ର୍ଦେବଂ
ପୁରୁଷସୂକ୍ତେନ ସେଚୟେତ ।"

ପୁଷ୍ୟାଭିଷେକ ଉତ୍ସବରେ ଚତୁର୍ଦ୍ଧାମୂର୍ତ୍ତି ମହଣ ମହଣ ସୁନାରେ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇ ଆହ୍ଲାଦିତ କରନ୍ତି । ଗଳାରେ ବିଭିନ୍ନ ପ୍ରକାରର ମାଳା ଯଥା-ସୁବର୍ଣ୍ଣମାଳା, ବାହାଡ଼ା ମାଳା, ସେବତୀ ମାଳା ପ୍ରଭୃତି ପରିଧାନ କରନ୍ତି । ହାତରେ ଶ୍ରୀଭୁଜ, ପାଦରେ ଶ୍ରୀପୟର ପିନ୍ଧି ଶଙ୍ଖ-ଚକ୍ର ଧାରଣ କରନ୍ତି । ସେହିପରି ବଡ଼ଭାଇ ବଳଭଦ୍ର ହଳ-ମୂଷଳ ଧାରଣ କରନ୍ତି । ମହାଲକ୍ଷ୍ମୀ ଆଜ୍ଞାମାଳ ପାଇ ସାତପାହାଚ ଦ୍ୱାରରୁ ପାଲିଙ୍କିରେ ବିଜେ ହୋଇ ଲକ୍ଷ୍ମୀ ମନ୍ଦିରକୁ ଯାଆନ୍ତି । ସେଠାରେ ଜଗମୋହନ ଖଟ ଉପରେ ବିଜେ କରାଇ ମାଜଣା ଓ ବନକଲାଗି ବେଶ ହୁଅନ୍ତି । ଏହାପରେ ପଟୁଆରରେ ଆସି ବାହୁଡ଼ା ବିଜେ କରି ଶ୍ରୀଅଙ୍ଗଲାଗି ହୁଅନ୍ତି । ସେଠାରେ ଭଦ୍ରାସନରେ ବିଜେ କରନ୍ତି ଓ ମହାସ୍ନାନ ହୁଏ । ଏହାପରେ ସରଘରୁ ଭୋଗ ଆସି ଭୋଗ ବଢ଼ିଲେ ବନ୍ଦାପନା ହୁଏ ଓ ବନ୍ଦାପନା ପରେ ବାହୁଡ଼ା ବିଜେ କରି ଦକ୍ଷିଣି ଘରକୁ ବିଜେ କରନ୍ତି । ଏହାପରେ ମହାପ୍ରଭୁଙ୍କର ପୁଷ୍ୟାଭିଷେକ ଯାତ୍ରାର ପରିସମାପ୍ତି ହୁଏ ।

ଶ୍ରୀଜଗନ୍ନାଥ ଯୁଗେ ଯୁଗେ ଭକ୍ତାଧିନ । ଯେଉଁ ଭକ୍ତମାନେ ମହାପ୍ରଭୁଙ୍କର ପୁଷ୍ୟାଭିଷେକ ବେଶ ଦର୍ଶନ କରନ୍ତି ତାଙ୍କର ପାପନାଶ ହେବା ସହିତ ପୁଣ୍ୟ ଅର୍ଜନ କରି ଜୀବନକୁ ଧନ୍ୟ କରିଥାନ୍ତି । ଏପରିକି ମୃତ୍ୟୁର ଦେବତା ଯମରାଜଙ୍କ ନିୟନ୍ତ୍ରଣରୁ ମଧ୍ୟ ମୁକ୍ତିଲାଭ କରିଥାନ୍ତି । ନୀଳାଦ୍ରିମହୋଦୟ ସୂଚିତ କରି ଦର୍ଶାଇଛି -

"ସର୍ବାଭିଷ୍ଟପ୍ରଦଃ ସାକ୍ଷାତ
ସକଳାଘବିନାଶକଃ ।
ଅଭିଷେକୋତ୍ସବଷ୍ଟାୟଂ ଶ୍ରୁତଂ
ସୂତମୁଖାତବ ॥"

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ ।
ମୋ: ୯୯୩୭୧୫୧୩୧୦

# ଏବେ ପୁରୀ; କେବେ ବାଲେଶ୍ୱର ?



**ସୁବ୍ରତ କର**

ନୂଆ ବର୍ଷର ମୋର ସମସ୍ତ ପାଠକ ପାଠିକାଙ୍କୁ ନମସ୍କାର ଏବଂ ସମସ୍ତଙ୍କ ପାଇଁ ଶୁଭ କାମନା କରି ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ଯେ ସେ ସମସ୍ତଙ୍କର ୨୦୨୬ ନୂଆ ବର୍ଷରେ ସମସ୍ତଙ୍କୁ ଭଲରେ ରଖନ୍ତୁ ଏବଂ ସମସ୍ତଙ୍କ ଇଚ୍ଛା ପୂରଣ କରି ସୁଖରେ ରଖନ୍ତୁ । ଏହି ନୂଆ ବର୍ଷରେ ଆମ ଜିଲ୍ଲା ବାଲେଶ୍ୱରକୁ ପୁରୀ ପରେ ମହାନଗର ନିଗମରେ ପରିଣତ କରନ୍ତୁ ଏଇଟା ନିଶ୍ଚିତ ଅତି ଭଲ ଖବର ଏବେ ପୁରୀକୁ ଓଡ଼ିଶା ସରକାର ମହାନଗର ନିଗମରେ ପରିଣତ କରିଲେ । ଆମେ ଯଦି ଇତିହାସକୁ ଯିବା ଓଡ଼ିଶା ବୁଝାଇଲେ କଟକ, ପୁରୀ ଏବଂ ବାଲେଶ୍ୱରକୁ ବୁଝାଉଥିଲା । ଆଉ ସବୁ ଅଞ୍ଚଳ ଗଡ଼ଜାତ ଅଞ୍ଚଳ କୁହା ଯାଉଥିଲା ଏବଂ ଏଗୁଡ଼ିକ ସାଧାରଣ ଭାବରେ ରାଜା ରାଜୁଡ଼ାଙ୍କ ଅକ୍ତିଆରରେ ଥିଲା ଏବଂ ଶାସିତ ମଧ ହେଉଥିଲା । ଏବେ କଟକ ମହାନିଗମ ହୋଇ ସାରିଛି, ଏବେ ନୂଆ ସରକାର ପୁରୀ ସହରକୁ ନିଗମର ମାନ୍ୟତା ଦେଲେ ଏବଂ ଶେଷରେ ଆମେ ବାଲେଶ୍ୱର ବାସୀ ଆଶା କରିବା ଆମ ସହର ଅତି ପୁରୁଣା ସହର, ଐତିହାସିକ ସହର ଏବଂ ଆମେ ଜାଣିବାରେ ସ୍ୱାଧୀନତା ବହୁ ପୂର୍ବରୁ ଇଂରେଜ ମାନେ ପ୍ରଥମେ କଲିକତା ଦେଇ ବାଲେଶ୍ୱରକୁ ଆସିଥିଲେ ଏବଂ ବାଲେଶ୍ୱର ବୁଢ଼ାବଳଙ୍ଗ ନଈ ଏବଂ ସମୁଦ୍ର ଦେଖି ଏହିପରି କଲିକତା ପରିବର୍ତ୍ତେ ବାଲେଶ୍ୱରକୁ ବନ୍ଦର କରିବାର ଯୋଜନା ଥିଲା । କିନ୍ତୁ ପରେ ସମୁଦ୍ରର ଗଭୀରତା ଅଳ୍ପ ଥିବାରୁ ବନ୍ଦର ହେଲା ଭଳି ମନେ ହୋଇ ନଥିଲା । ତଥାପି ବାଲେଶ୍ୱର ସହର ଦେଇ ବହୁତ କିଛି କଞ୍ଚାମାଲ କଲିକତା ପହଞ୍ଚୁଥିଲା ପାଲ ଟଙ୍ଗା ହୋଇଥିବା ନୌକା ମାଧ୍ୟମରେ । ଏବେ ବି ବାଲେଶ୍ୱର ବାସି ସେହି କଥାକୁ ଭୁଲି ନାହାନ୍ତି । ଏବେ କିନ୍ତୁ ଆମ ସହରର ଆଖ ପାଖ ଅଞ୍ଚଳକୁ ମିଶାଇ ପାରିଲେ ଲୋକସଂଖ୍ୟା ଏବଂ ଆୟତନ ଦୃଷ୍ଟିରୁ ବିନା ଦ୍ୱିଧାରେ ମହାନଗର ନିଗମ ହୋଇ ପାରନ୍ତା । ଆମ ସହର ଏବେ ଚାନ୍ଦିପୁରଠୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ (ମିତ୍ରପୁର) ଏବଂ ଆରପଟେ ହଳଦୀପଦାଠୁ ଆରମ୍ଭ କରି ଶେରଗଡ଼ ପର୍ଯ୍ୟନ୍ତ ଏହି ବିସ୍ତୃତ ଆକାରକୁ ନେଲେ କେହି ବାଲେଶ୍ୱର ସହରକୁ କାଟି ପାରିବେ ନାହିଁ । ସରକାର ନ ବୁଝିଲେ ସମସ୍ତ ସହରବାସୀ, ଜନ ପ୍ରତିନିଧିମାନେ ମିଳିମିଶି ଏକାଠି ବସି (ଦଳଗତ ଭେଦଭାବ ଭୁଲିଯାଇ) ଲଢ଼ି ପାରିଲେ ସରକାର ନିଶ୍ଚିତ ଭାବରେ ଆମର ପ୍ରସ୍ତାବକୁ ଅସ୍ୱୀକାର କରି ପାରିବେ ନାହିଁ । ମୋର ଅନୁରୋଧ ଏଇଟା ସବୁଠୁ ଭଲ ସମୟ ଏବଂ ସମସ୍ତେ ଏକାଠି ହୋଇ ଲଢ଼ିଲେ ଏବଂ ଲଢ଼େଇକୁ ନୂଆ ବର୍ଷରେ ଆରମ୍ଭ କରି ପାରିଲେ ୨୦୨୭ ବେଳକୁ ବାଲେଶ୍ୱର ପୁରୀ ଭଳି ନଗର ନିଗମ ହୋଇ ପାରିବ ।




## ଶିଶୁର ପ୍ରାର୍ଥନା

**ସୌଭାଗିନୀ ମିଶ୍ର ଦାସ**

ମୁଁ ଦେଇ ପାରୁନି
ମୋର ଶୈଶବର କଅଁଳ ଫୁଲର ଖରା
ଦେଇ ପାରୁନି ମୁଁ ସୁନେଲି ସପନ
ମୋ ପୃଥିବୀ ମନୋହରା
ନାହିଁ ଦାଣ୍ଡ ଧୂଳି ପିଣ୍ଡାର ଦୋଳି
ନିଦ ମାଉସୀର ଗୀତ
ଆଧୁନିକା ଆମେ ଦେଖାଉ ଶୁଣାଉଁ
ଯନ୍ତ୍ର ସୁଆଙ୍ଗ ଗୀତ
ସିଲଟ ତ ନାହିଁ ରଫ ଖାତାନାହିଁ
ନାହିଁ ବର୍ଣ୍ଣବୋଧ ଆଉ
ଛବିଳ ରୋଗରେ ପୁଷି ବିଲେଇଟି
ବିକଳରେ ମ୍ୟାଉଁ ମ୍ୟାଉଁ
ହଡା ବଳଦର ଆମ୍ବ କାହାଣୀ
ପାଠ୍ୟକ୍ରମେ ଆଜି ନାହିଁ
ବୁଢା ମଣିଷର ଜୀବନ ଯନ୍ତ୍ରଣା
ଲେଖାଯାଏ ଗପ ହୋଇ
ଇଂରାଜୀ ଭୁଷି ଯେ ପାଉଅଛି ବୁଢା
ଇଂରାଜୀ ପଢ଼ାଇ ଥିଲା
ହିତ ଉପଦେଶ କଥା ଉପଦେଶ
ଆଉଟ ଡେଟେଡ଼ ହେଲା
ଶିଶୁ ମାଗୁଅଛି ଶୈଶବ ଫେରାଅ
ଦିଅ ହେ କଅଁଳ ଖରା
ଦିଅ ସୁଶୀତଳ ପବନ ହାବୁକେ
ନିର୍ମଳ ପାଣିର ଗରା
ଗୁରୁଙ୍କୁ ଯେ ଗୋରୁ ଗଧ କର ନାହିଁ
ସେମାନେ ଈଶ୍ୱର ରୂପ
ଆମ ଶୈଶବକୁ ହତ୍ୟା କରି ଯେ
କିଆଁ ଅରଜୁଛ ପାପ ?

ମାର୍ଫତ- ଡ଼ଃ କାଳିକିଙ୍କର,
ସୀତାଦେବୀ ନିବାସ, ଦହମୁଣ୍ଡା,
ବାଲେଶ୍ୱର-୭୫୬୦୭୯

## ଏ ପରିବେଶ

**ଦଶରଥ ମାଝୀ**

ପରିବେଶରୁ ପବନ ଆଉ
ଶ୍ୱାସକ୍ରିୟାର ପାଇଁ
ଧରାପୃଷ୍ଠରେ ପବନ ବିନା
କେହି ବଞ୍ଚିବେ ନାହିଁ (୧)
ଏ ପରିବେଶ ଧରା ଗର୍ଭରେ
ପାଣି ଦେଇଛି ବାଣ୍ଟି
ପାଣିର ଲାଗି ଚାଷ ହେଉଛି
ଶୋଷ ଯାଉଛି ମେଣ୍ଟି (୨)
ପରିବେଶରୁ ଖାଦ୍ୟ ପାଉଛୁ
ଲାଗିଲେ ଭାରି ଭୋକ
ଖାଦ୍ୟର ଲାଗି ଭୂମି ଉପରେ
ଚାଷ କରୁଛି ଲୋକ (୩)
ପରିବେଶରେ ଭୂମି ରହିଛି
ରହିଛି ଘର ସେଠି
ଶୀତ କାକର ଖରା ବର୍ଷାରୁ
ରକ୍ଷା ପାଉଛୁ ଏଠି (୪)
ଏ ପରିବେଶ ସବୁ ଦେଇଛି
କରନି ବେଶୀ ନଷ୍ଟ
ଭବିଷ୍ୟତରେ ଆମ ଜୀବନେ
ଦେବରେ ଭାରି କଷ୍ଟ (୫)

+କୁରୁମାଚୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :୮୨୪୯୨୧୨୪୭୨

## ତୁମେ ହିଁ ସେ...

**ରମାକାନ୍ତ ଦାସ**



ଯାହାଙ୍କ ବାହୁଛାୟାରେ ମୋ ହୃଦୟ ପାଏ ସୁରକ୍ଷାର ସ୍ପର୍ଶ,
ଯାହାଙ୍କ ଆସ୍ଥାରେ ମୋ ଅସ୍ତିତ୍ୱ ନିର୍ଭୟରେ ଆଉଜି ପଡ଼େ ।

ତୁମ ପାଖେ ପ୍ରେମ କେବଳ ଏକ ସ୍ୱପ୍ନ ନୁହେଁ,
ଏହା ଏକ ଘରର ଉଷୁମ ଅନୁଭବ—ସ୍ଥିର, ସତେଜ ଓ ନିବିଡ଼ ।
ତୁମେ କେବଳ ମୋର ପ୍ରିୟ ନୁହଁ,
ତୁମେ ହିଁ ପ୍ରେମ ଉପରେ ମୋ ବିଶ୍ୱାସର ଏକମାତ୍ର ପରିଭାଷା ।

ତୁମର ଗୋଟିଏ ହସ...
ମୋ ଭିତରର ଅଜଣା ଅନ୍ଧକାରକୁ ଆଲୋକିତ କରିଦିଏ,
ତୁମର ପ୍ରତିଟି ଶବ୍ଦ ମୋ ଜୀବନ ସାରାର ଅପେକ୍ଷାକୁ ପୂର୍ଣ୍ଣ କରେ ।

ଏ ଭିଡ଼ ଭିତରେ ହଜାରେ ମୁହଁ,
କିନ୍ତୁ ମୋ ଆଖି ଖୋଜେ କେବଳ ତୁମକୁ ।
ତୁମ ସାଥିରେ ମୁଁ କେବଳ ବଞ୍ଚେନାହିଁ—
ମୁଁ ବିକଶିତ ହୁଏ, ମୁଁ ଫୁଟିଉଠେ ।
ତୁମ ସହ ଏହି ଜନ୍ମଟା ବି...
କାହିଁକି କେଜାଣି ଭାରି କମ୍ ମନେହୁଏ ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

# କବିତାମାଳା

## ତଥାପି ତୁ ଚିର ବନ୍ଦନୀୟ
### ମୀରା ବେଉରା



କୁହୁଳି କୁହୁଳି ଜଳୁଥାଏ ଦରପୋଡ଼ା ଜୀବନ
ତଥାପି ବଞ୍ଚିବାକୁ ଖୋଜୁଥାଏ ନୂଆ ନୂଆ ବାହାନା
ମିଛ ପ୍ରହେଳିକା ଆଉ ଆତ୍ମ ପ୍ରବଞ୍ଚନା
ସତରେ କେତେ ଆଶ୍ଚର୍ଯ୍ୟ ଏ ଜୀବନର ଗତି
ଗୋଟିଏ ଲକ୍ଷ୍ୟଚ୍ୟୁତ ବତୀଘର ପରି
ଅହରହ ଧାଉଁଥାଏ ଜୀବନ
ଠିକ୍ ଧୂଆଁ ଛାଡ଼ି ଯାଉଥିବା ବେପରୁଆ ରେଳଗାଡ଼ି ପରି
ବାଟସାରା ସାଉଁଟୁଥାଏ କିଛି ସ୍ମୃତି,
ଅନୁଭୂତି, କିଛି ଘୃଣା, କିଛି ପ୍ରେମ
କିଛି ହସ କିଛି ଲୁହ
କିଛି ପ୍ରତ୍ୟାସକ୍ଷ ପୁଣି ପ୍ରତାରଣା
କିଛି ତିକ୍ତ ଅନୁଭୂତି ଓ କିଛି ଭୁଲ୍ ବୁଝାମଣା
କେବେ ତତଲା ବାଲିରେ
ଚାଲିବାର ଅନୁଭୂତି ଦେଇ
ଦାଉ ସାଧେ ଜୀବନ
ପୁଣି କେବେ ମରୀଚିକା ଦେଖି
ଜଳର ସନ୍ଧାନରେ
ଧାଉଁଥାଏ ଜୀବନ
ଜଳେଇ ଜଳେଇ ପାଉଥାଏ ଆନନ୍ଦ
ସେହି ଦରପୋଡ଼ା ଜୀବନ
ସେଥିରେ ହିଁ ତାର ତୃପ୍ତି
ପାଇଯାଏ ସେ ସାତଜନ୍ମର ପ୍ରାପ୍ତି
ପ୍ରତିମୁହୂର୍ତ୍ତେ ଛାତିରେ ବଢ଼ି ବଢ଼ି ଯାଏ ତା'ର ସ୍ପନ୍ଦନ
ନିଜ ଲୋକଟି ହାତ ଛାଡ଼ି ଗଲା ପରି
ଭୟରେ ଥରୁଥାଏ ସେହି ଦରପୋଡ଼ା ଜୀବନ
ତଥାପି ଦୀର୍ଘଶ୍ୱାସକୁ ଢ଼ୋକି ଦେଇ
ନିଇତି ମରି ମରି ବଞ୍ଚୁଥାଏ
ସେହି ଅଧାପୋଡ଼ା ଜୀବନ
ନିଜ ଶବକୁ ନିଜ କାନ୍ଧେ ବୋହି
ଏକା ଏକା ଚାଲୁଥାଏ ଜୀବନ
ସବୁ ନିରବତାକୁ ଆପଣେଇ
ନିଜ ଲୁହକୁ ନିଜେ ପିଇ
ଦୀର୍ଘ ନିଃଶ୍ୱାସ ଛାଡେ ଜୀବନ
ହିସାବ ରଖିବାକୁ ଯୁ' ନଥିଲା ତା'ର
ସେ ଲୁହ ପ୍ରତାରଣାର
ଅବା ଛଳନାର
ନିଷ୍ପାପ ଆଖି ଖାଲି ଖୋଜୁଥାଏ
ଦରଦୀ ସ୍ୱଚ୍ଛ ସରଳ ହୃଦୟ ଟିଏ
ଯିଏ ଆପଣାର କରି କୋଳେଇ ନେବ
ଛଳନା ହିନ ଶ୍ରଦ୍ଧା ସୁମନ ଦେଇ
ଅଜଣା ଭୟରେ ଛାତି ନିଇତି କମ୍ପୁ ଥାଏ
କିନ୍ତୁ ଓଦାକାଠ ପରି ସେହି ଦରପୋଡ଼ା ଜୀବନ
ସେମିତି କୁହୁଳି କୁହୁଳି ଜଳୁଥକ୍ଷଏ
ତଥାପି ସେ ଜୀବନ ଚୀର ବନ୍ଦନୀୟ।

♥ କଟକ
ମୋ: ୭୮୪୬୯୨୧୪୦୦

## ମାଟି ପଞ୍ଜୁରୀର ମାୟାରେ କାହିଁକି
### ହରିଶ୍ଚନ୍ଦ୍ର ବେହେରା



ମାଟି ପଞ୍ଜୁରୀର ମାୟାରେ କାହିଁକି
ବନ୍ଦୀ ହେଲୁ ପ୍ରାଣ ମୋର
ପଞ୍ଜୁରୀ ଭାଙ୍ଗିଲେ ଅନାଥ ହୋଇବୁ
କେଉଁଠି ବାନ୍ଧିବୁ ଘର ।

ଚିତ୍ର ପ୍ରତିମାଟି କି ସୁନ୍ଦର ଦିଶେ
ଭିତରଟା ନାର ଖାର
ଏରୁଣ୍ଡି ବାହାରେ ସବୁଠି ଆକଟ
ଲକ୍ଷ୍ମଣର ତିନି ଗାର
ଦୁଃଖରେ ଗଢ଼ା ଯା 'ଜୀବନଟା ବନ୍ଧୁ
ସୁଖ କିବା ଲୋଡ଼ା ତା'ର ।

କେତେ ଦୁଃଖ ଦିନ ଏ ଦେହ ଭୋଗିଛି
ସୁଖ ଦିନେ ମିଳି ନାହିଁ
ସୁଖ ବୋଲି ଯାହା ଏ ଆଖି ଦେଖିଛି
ଗୋଟିଏ କୁହୁଡ଼ି ନଈ
ତଥାପି ଖୋଜୁଛୁ କାହିଁକିରେ ମନ
ସୁଖକୁ ତୁ ବାରବାର ।

ଏନ୍ତୁଡ଼ିରୁ ଜୁଇ ଛୁଇଁ ଛୁଇଁ ବହେ
ଦୁଃଖର ତଟିନୀ ଟିଏ
ନାଥ ଯୋଗୀ ଆସି କେନ୍ଦେରା ବଜେଇ
ଭଜୁକିନା ରାମ ଗାଏ
କାହିଁକି ବାନ୍ଧିଛୁ ଘର କୁମରରେ
ଜଳିବାଟା ନିତି ସାର ।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ନୂଆବର୍ଷ
### ସୁବାସ ଚନ୍ଦ୍ର ସାହାଣୀ



ପରାଣ ମଞ୍ଜ ପିଇ ପିଇ ଯାଏ ପିଷ୍ଟ ବେଦନା,
ପଲକ ପତର ଛାତି,
ହୃଦୟ କୁଞ୍ଜ, ହଲ୍ଲାଏ ହତାଶ ପୁଞ୍ଜ,
ଅସରନ୍ତି ଭରା ନୀରବତା ଝଡ଼।
ପାହିନ୍ତି ପହଁରା ରାତି, ପଖାଳୁଥାଏ ଲୁହରେ, ଲହୁର ଯାତନା ଭୀତି,
ପରାଣ ବ୍ୟଥା, ଅଙ୍ଗନିଭା ଗାଥା, ଅକଳନ୍ତି ଦୁଃଖ ତମସାର ତୋଡ।

ସ୍ମୃତି ବଳୟରେ, ସାଇତା ସ୍ୱପ୍ନ, ସୁକୁମାର କାନ୍ତି, ଛବିଳ ଛାଁ ବର୍ଣ୍ଣବିଭା,
ପ୍ରତିକ୍ଷାର ପ୍ରହଳିକା ଚାହାଁ ଚାତକ ଚାଁ'ରେ, ମୃଗ ତୃଷ୍ଣାର ମରୀଚିକା ।
ଗଣତନ୍ତ୍ରର ଗଣକ ନୀତି-ବ୍ୟବସ୍ଥା, ସାଂବିଧାନିକ ନିୟମ କାରସାଦି ,
ଶ୍ରମଜୀବୀ ଜଳେ, ହା'ହୁତାଶ, ହା'ଅନ୍ନ ଚିତ୍କାରେ, ଲିଭେନା ଅମାରାତି ।

କଳ-କାର୍ଖାନା, ନିଆଁ ଝାସ, କଳାଧୂଆଁ, କୋଇଲା ଖଣି ଧୂଳି, ଧୂସର ଆଁ!
ତାହାରି ଭିତରେ, ଜୀବନ ହ୍ରାସ କେତେ ପରାଣ ଦଗ୍ଧତ୍ରାସ, ତ୍ରସ୍ତ ସେ ଗାଁ।
ବ୍ୟଥା-ବିଧୁନିତ, ଜୀବନଯଜ୍ଞ, ଜୁଇ ଯନ୍ତ୍ରଣା ସହି, ଶ୍ରମ ଦେଉଥାଏ ବାଡି ,
ସାହେବ ସୁରୁବା ନାଲିଆଖି କଷା, ହୁକୁମ ନାମା ଗାଳି ଗୁଳଜ ଚାଁ ଛଡି ।

ରାତି ପାହିଯାଏ, ଶ୍ରମ ସ୍ୱେଦ ଝାଳେ, ସାଇରନ୍ ବାଜେ ଠିକ୍ ସକାଳରେ,
କେଉଁଠି ବା ଥାଏ ଶ୍ରମଶ୍ରାନ୍ତ ବିଶ୍ରାମ ନାଁ ଘରେ ଅବସାଦ ଅର୍ଥାଭାବ ନିଆଁ।
କୁଲି କୁଡ଼ିଆରେ, କୋଳ ଛୁଆରଡି କ୍ଷୀର ଟୋପେ ନାହିଁ ମା'ଥନ ମୃତ ନଈ,
ଦୁଆରେ ଦଣ୍ଡାୟ, ମହାଜନ ଭିଡ଼, ବାକି ସୁଧଟଙ୍କା ଲାଗି ଅଶ୍ରାବ ଗାଳି ଡିଆଁ।

ନୂଆ ବର୍ଷ, ନୂଆ ଭାବନା । ନୂଆ ପ୍ରହସନ ନୀତି ପ୍ରକରଣ ଭୂଆଁ ବୁଲା ରାସ୍ତା,
ଯୋର୍ ଯାର ମୂଳକ ତା'ର' ପୁରୁଣା କଥାର ଏ ନୂଆ ଚାଲବାଜି ଗୋଟିଚଲା।
କୋଟି କୋଟି ଶ୍ରମିକ ପେନ୍ସନ ଦାବିଥଣ୍ଡା ଘରେ ମାରେରଡି, ଆଃ କି ଦୁର୍ଭାଗ୍ୟ !
ତମେ ଜନତା ସେବାକାରୀ ନାମେ, ଲୁଟ୍ କରିଦେଶ ଅର୍ଥ, ଭାବ ଅହୋଭାଗ୍ୟ!

ଥାଉଥାଉ ତମ କୁମ୍ଭୀର କାନ୍ଦଣା, ଦରଦୀ ଫରଦୀ ତୁଚ୍ଛା ସେବା ବାହାନା ଥାଉ,
ତେଲିଆ ମୁଣ୍ଡେତେଲ ଦିଆନୀତି,ଏମ.ଏଲ.ଏ ଭତ୍ତା ସାଢ଼େ ତିନିଲକ୍ଷ ଧାର୍ଯ୍ୟ ।
ଦେଶ ଦିଶା, ପାତାଳକୁ ଯାଉ, ଶିକ୍ଷା, ସ୍ୱାସ୍ଥ୍ୟ, ବାସ ସେବା ଦୁର୍ଦ୍ଦଶା ଯା' ଅଛି ରହୁ,
ଦୁଃଖ କ'ଣ? ନବବର୍ଷେ ମିଥ୍ୟା ବିଲ୍ ମୋଟା ଅଙ୍କ ତମ ନାଁରେ ଥାଉ ଅନିର୍ବାର୍ଯ୍ୟ ।

ପୁରୁଣା କଥା, ପୁରାଣ ହୁଏ ଭାବଶବ୍ଦ ପଦଲାଳିତ୍ୟ, କବି କଚ୍ଛଚିତ୍ର ପ୍ରତିମାରେ ,
ନୂଆବର୍ଷ ଆସୁଥାଉ, ରଙ୍ଗ ମଞ୍ଚ ହସୁଥାଉ ମହୁଆ ମଦମତ୍ତ ରଙ୍ଗୀନ ଆଭାରେ।
ସ୍ୱଦେଶ ସଂସ୍କୃତି, ପ୍ରୀତି ସାତତାଳ ପଙ୍କେ ଲୁଚିଥାଉ, ଇଂରାଜୀ ନବବର୍ଷାଗମେ ,
ଶୀତ ଶୀତାର୍ତ୍ତ, ଶୀତଳ ବାତବାହେ, ବିକଳୁ ଥାଉ ଭିକ୍ଷୁକ ଏ ରାଜରାସ୍ତାରେ ।

♥ଶ୍ରୀହରି ଆଳୟ, ବାଂମୟ ନିଳୟ,ସାହିତ୍ୟ ଚିରକାଳ।
ବୋଇତାଳୁ ପାଟଣା, ମୋହନପୁର,
ବିଞ୍ଝାରପୁର-୭୫୫୦୦୪ ଜିଲ୍ଲା-ଯାଜପୁର

## ନିଃସଙ୍ଗତା
### ନୂତନ କୁମାର ବେହେରା



ଆତ୍ମବିଶ୍ୱାସ ତୁଟିଗଲେ ନିଜ ଉପରୁ
ନିଜର ମନ ନ ଥାଏ ନିଜ ଭିତରେ
ସେ ଅହେତୁକ ଦୁର୍ବଳ ମୁହୂର୍ତ୍ତରେ ଆସେ
ଅସ୍ୱାଭାବିକ ଭାବେ ଏକ ନିଃସଙ୍ଗତା
ଚାହିଁ ରହିଥିଲେ ଆଗରେ ଦିଶେ
ଅବୁଝା ଅନ୍ଧାରର ପ୍ରହେଳିକା
ଆଖି ବୁଜି ଶୋଇଥିଲେ ବି ହୁଏନା ନିଦ
ଭାବନାରେ ନାଚେ ଅବାଞ୍ଛିତ ଦୃଶ୍ୟ
ଚାରିପାଖରେ ଘେରି ଥାନ୍ତି ଯଦିଓ
ଆପଣାର ସବୁ ଲୋକମାନେ
ଯେମିତି ଲାଗନ୍ତି ସେମାନେ ଅଚିହ୍ନା ଅଚିହ୍ନା
ଦିନର କୋଳାହଳ ବି ଲାଗେ ନିସ୍ତବ୍ଧ
ମୁଣ୍ଡଟା ବିଗିଡି ଯାଇ କରେ ଗୋଳମାଳ
କ୍ଳାନ୍ତ ଅବଶ ହୁଏ ବଳିଷ୍ଠ ଶରୀର
ନିସ୍ତେଜ ହୋଇ ପଡ଼ନ୍ତି ଅବୟବ ଯେତେ
ବରଫ ତରଳିଲା ପରି ତରଳି
ମିଳାଇ ଯାଏ ଆଶା ଆକାଂକ୍ଷା ସବୁ
ସ୍ୱପ୍ନମାନେ ଆଖିରେ ଲଗାନ୍ତିନି ଯାଦୁ
ମନର ଆବେଗତା ହୋଇ ପଡ଼େ ପଙ୍ଗୁ
ଧୈର୍ଯ୍ୟ ସାହସ ଛତ୍ରଭଙ୍ଗ ଦିଅନ୍ତି
ସହିଷ୍ଣୁତାର ହୁଏ ପତ୍ରଝଡ଼ା
ସମ୍ଭାବନା ହଜିଯାଏ ବହଳିଆ କୁହୁଡ଼ିରେ
ଲାଗେ ନିଜକୁ ସଂପୂର୍ଣ୍ଣ ଏକା ଏକା
ଭରସା ରହେ ନାହିଁ ତିଳେ
ଜୀବନଟା ହୋଇଯାଏ ଅସହାୟ
ହସ ଖୁସି ଆନନ୍ଦ ହୁଏନା ଅନୁଭବ
ଲୁହ ବି ଶୁଖି ଯାଏ ଉଦାସିଆ ଆଖିରୁ
ନିର୍ଜୀବ ଜଡ ବସ୍ତୁ ଭଳି ଅଲୋଡ଼ା ହୁଏ
ବଞ୍ଚିବାର ଅବଦମିତ ମୋହ
ଚିନ୍ତା ଚେତନା ହୁଅନ୍ତି ସମାଧିସ୍ଥ
ଭାରି ଯନ୍ତ୍ରଣା ଦାୟକ ଏ ନିଃସଙ୍ଗତା
ଆସ୍ଥା ରଖିଥିଲେ ସୃଷ୍ଟିକର୍ତ୍ତାଙ୍କ ଉପରେ
କିଛି ନ ଥିଲେ ବି ନିଜ ପାଖରେ
ସାରା ସଂସାର ଲାଗେ ସୁନ୍ଦର ପରିପୂର୍ଣ୍ଣ
ଆସେ ଅପୂର୍ବ ତୃପ୍ତିର ଆତ୍ମସନ୍ତୋଷ।

♥ କୋହି, ବାରିପଦା, ମୟୁରଭଞ୍ଜ

## ସ୍ୱାଭିମାନ
### ବସନ୍ତ କୁମାର ପ୍ରଧାନ



ସ୍ୱାଭିମାନ ବ୍ୟକ୍ତି ପରିଚୟ ପତ୍ର
ବଢ଼ାଏ ମାନ ସମ୍ମାନ
ସ୍ୱାଭିମାନ ହୀନ ମୃତ ସମାନ
ନିକୃଷ୍ଟ ତା'ର ଜୀବନ ।

ସ୍ୱାଭିମାନ ସହ ବଞ୍ଚି ରହିବା
ଶ୍ରେଷ୍ଠ କଳା ଜୀବନର
ନୀତି ମର୍ଯ୍ୟାଦାରେ ଦମ୍ଭ ଧାରାଣାରେ
ଜୀବନ କରେ ସୁନ୍ଦର ।

ସ୍ୱ-ଆଚରଣ ଆତ୍ମ ସନମାନ
ମୁଖବନ୍ଧ ଯେ ଅଟଇ
ସ୍ୱାଭିମାନୀ କେବେ ନୁହେଁ ଅଭିମାନୀ
ଆପଣା ସତ୍ତାନୁଧାୟୀ ।

ଅମୃତ ସନ୍ତାନ ଭାବରେ ସର୍ବଦା
କରେ ଅମୃତ ସନ୍ଧାନ
ଆତ୍ମ ଚିନ୍ତନରେ ବିଶ୍ୱ କଲ୍ୟାଣରେ
ମନୁ ତେଜେ ଅଭିମାନ ।

ସତ୍ୟ ପ୍ରତି ନିତି ରଖି ମନ ସ୍ଥିତି
କରେ କର୍ତ୍ତବ୍ୟ ପାଳନ
ନୀତିନିଷ୍ଠ ହୋଇ ଅଳ୍ପ ପ୍ରୟୋଜନେ
ବିତାଇ ଥାଏ ଜୀବନ ।

ଅଭିମାନ ମଦ କରେ ନାହିଁ ଅନ୍ଧ
ତା'ର ନୈତିକ ଜୀବନ
ସ୍ୱାବଲମ୍ବୀ ହୋଇ ମାନ ମର୍ଯ୍ୟାଦାର
ଗୁରୁତ୍ୱ କରେ ବହନ ।

ଅନ୍ୟ ସହ କେବେ ତୁଳନା କରେନା
ବଞ୍ଚେ ସ୍ୱକୀୟ ଠାଣୀରେ
ନିଜ ଭାଷା ଭୂଷା ଐତିହ୍ୟ ସଂସ୍କୃତି
ପାଇଁ ସଦା ଗର୍ବ କରେ।

ସ୍ୱାଭିମାନ ହିଁ ଅଟଇ ଅସ୍ମିତା
ମାନବିକତାର ସ୍ୱର
ଅନ୍ୟାୟ ଆଗରେ ଶିର ନୁଆଁଇବା
ନୁହଁଇ ଧର୍ମ ତାହାର ।

ଯେତେ ଝଡ଼ ଝଞ୍ଜା ଆସୁ ଜୀବନରେ
ଯାଏନା ସେ କେବେ ହାରି
ଆତ୍ମ କୁଶଳରେ ସର୍ବ ସିଦ୍ଧି ଲଭି
ବଞ୍ଚିଥାଏ ବୀର ପରି ।

ଯେଉଁ ବ୍ୟକ୍ତି ଜାତି ପାଖରେ ନଥାଏ
ତିଳେ ମାତ୍ର ସ୍ୱାଭିମାନ
ସେ କାହିଁ ଜାଣିବ ଉଚ୍ଚ କରି ମଥା
ବଞ୍ଚିବାର ଟାଣ ପଣ ।

♥ ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

## ଭୋକର ଭୂଗୋଳ
### ଅପରାଜିତା ପରିଡା

ବିଚିତ୍ର ବ୍ରହ୍ମାଣ୍ଡ ବିହିର ଭିଆଣ ଜୀବରେ ଦେଇଛି ପ୍ରାଣ
ପଶୁପକ୍ଷୀ ନର କୀଟତରୁ ଲତା ଅଲୌକିକ ସୃଷ୍ଟି ଲକ୍ଷଣ।

ସବୁ ଜୀବ ଲୋଡ଼େ ଜିଇଁବା ପାଇଁକି ନୀତି ଆହାର ପେଟକୁ
ମଣିଷ ବି କ୍ଷୁଧା ଅନୁଭବ କରେ ଅସହ୍ୟ ଭୋକ ଦାଉକୁ।

ଜୀବନ ଗଣିତ ଭାରି ଅସହଜ ଛିଡେନି କୁଟ ଜଂଜାଳ
ପରିବାର ଘର ଜୀବନ ଯନ୍ତ୍ରଣା କ୍ଷୁଧା କରାଏ ବିକଳ।

ଭୋକର ଭୂଗଳ ଦିଗନ୍ତ ବିସ୍ତାର ମାପି ହୁଏନାହିଁ ଜମା
ଅକ୍ଷାଂଶ ରୁ ମାପ ଦ୍ରାଘିମା ର ଯାଏ କେନ୍ଦ୍ରବିନ୍ଦୁ ଅନ୍ନ ଚିନ୍ତା।

ବସୁଧା ଭୁଖଣ୍ଡ ଯେହ୍ନେ ଦୃଷ୍ଟି ପଡୁ ସର୍ବତ୍ର ଭୋକର ଛାଇ
ଦେଶ ମହାଦେଶ ସବୁଠି ବ୍ୟାକୁଳେ ଭୋକେ ଜନ ବିଳାପଇ।

କର୍ମମୟ ଏଇ ମଣିଷ ଜୀବନ ପେଟର ଦାଉରେ ଧାଏଁ
କଳେ ବଳେ ଅର୍ଜେ ଦୁଇ ମୁଠା ଅନ୍ନ ପାପ ପୁଣ୍ୟ କେ ବିଚାରେ।

ଥିବା ଯାଏ ମାଟି ଗାଉଥିବ ଗୀତି ଭୋକର ଭୂଗୋଳ ମାପି
ସରିବନି କେବେ କ୍ଷୁଧାର ତାଡନା ଏଇତ ଜୀବନ ଗୀତି।

ଅଭାବ ଜଂଜାଳ ନିରୀହ ଜନର ଥିବ ସହଚରି ହୋଇ
ହାତ ପାତୁଥିବ ଲୁହ ଢ଼ାଳୁଥିବ ବିଚିତ୍ର ଜୀବନ ଏଇ।

ଯେତେ ବିକଶିତ ଏ ମଣିଷ ଜାତି ବିଚାର ତ ଉଚ୍ଚ ନାହିଁ
ଦୟା ସହିଷ୍ଣୁତା ସେବା ଅନୁକମ୍ପା ମଣିଷ ମନରେ କାହିଁ ।

ସ୍ୱାର୍ଥପର ହୋଇ ବୁଝେନି ଅନ୍ୟ ର ଦୁଃଖ କି ବେଦନା କେବେ
ମଣିଷ ହୋଇକି ମଣିଷ ଜାତିକୁ ସହିପାରେନାହିଁ ଯେବେ।

ଅନ୍ୟର ବେଦନା କ୍ଷୁଧାର ତାଡନା ମଣିଷ ବୁଝିବ ଯେବେ
କ୍ଷୁଧାର ଭୂଗୋଳ ବଦଳିବ ଚିତ୍ର ହସିବ ଜଗତ ତେବେ ।

♥ କୁଜଙ୍ଗ, ଜଗତସିଂପୁର

## ନୂଆବର୍ଷ ସଭାବନା
### ସୁନନ୍ଦା ମହାନ୍ତି



ଶିଶିରର ପ୍ରତିଟି ମୁକ୍ତା ବିନ୍ଦୁ
ଭିତରେ ସ୍ୱପ୍ନ ଇନ୍ଦୁ
ଜଗା ସଙ୍ଗେ ମନ ଛନ୍ଦୁ ଛନ୍ଦୁ
ପକ୍ଷୀ ଘର ବାନ୍ଧୁ ବାନ୍ଧୁ
ନୂଆ ବର୍ଷ ଆସିଛି ନେଇ
ଭାବ ସିନ୍ଧୁ ରେ ଭକ୍ତି ଇନ୍ଦୁ
ନୀଳାଦ୍ରି ମହୋଦଧି ଜଗନ୍ନାଥ
ପାଣି କାଚକେନ୍ଦୁ
ଏତେ ସ୍ନେହ ପ୍ରେମ ପ୍ରୀତି ମୈତ୍ରୀ
ମଣିଷପଣିଆ ଆଜି ବି ଜଳବିନ୍ଦୁ
ସାଗରର ଉର୍ମି ଆଉ ସୋରିଷ ଫୁଲର
ମନଭରା ବାସ ଫାନ୍ଦୁ
କେତେ ଦିନକୁ ଆସି କେତେ
ଭାଇଚାରା ବାନ୍ଧୁ ବାନ୍ଧୁ
ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ କୋଣ
ସାରସ୍ୱତ ଜୀବନରେ ବନ୍ଧୁ
ସେଇ ଚକାଆଖି କାଳିଆ ସାଆନ୍ତ
ଡାକିବାକୁ ମନ ମୁନ ଚୈତନେ
ନୂଆବର୍ଷ ଟୋପି ଟୋପି ଅମୃତ ବିନ୍ଦୁ
ହେଇଯାଉ ପୁଣ୍ୟତୋୟା ସିନ୍ଧୁ
ଜଡ଼ ମୂଢ଼ ଡେଇଁଯିବେ ସାତସିନ୍ଧୁ
ସତେ ସ୍ନେହ ପ୍ରେମ ପ୍ରୀତି ମୈତ୍ରୀ
ଭାବ ଭକ୍ତି ମକରନ୍ଦୁ ହେ କଳାବନ୍ଧୁ

♥ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ନବ ବର୍ଷର ଆଗମନୀ
### ଶ୍ରୀମତୀ ସୁଲକ୍ଷଣୀ ସାହୁ



ଦୂର ଦିଗ୍ ବଳୟେ ଉଦୟାଚଳେ ଉଦୟଉନ୍ମୁଖ
ହସ ହସ ନବ ଉତ୍ସୁକ ଅଲୀଢ ଆଲୁଅ
କଅଁଳିଆ ବିସ୍ତୃତ ଆତ୍ମିୟତାର ଆଲେପନରେ
ଉଦ୍ଭିତ ଆଜି ବେଖାତିର ଶୀତଳା ବନ ପାହାଡ।

ସ୍ନିଗ୍ଧ ସ୍ପନ୍ଦିତ ଲିପ୍ତ ଭାବ ନେଇ
ପହଞ୍ଚିଲାଣି ଦୁଆର ମୁହଁରେ ନବ ବରଷ
ମନୋହରୀ ଶୀତ ଲହରୀର ନୀରବ କୋଳାହଳ
ଭରିଦିଏ ମନେ ଆଶା ଆକାଂକ୍ଷାର ଅସୁମାରୀ ପରଶ।

ମନେହୁଏ ମନୋଗତ କଳ୍ପନାରେ
ଖଞ୍ଜି ହେବ ନଭଗାମୀ ପ୍ରଲମ୍ବିତ ପକ୍ଷ

ନିରସ ହୃଦୟେ ମୁଇଁଲେଣି
ନବ ଶୂନ୍ୟମଣ୍ଡଳର ଉଜ୍ଜ୍ୱଳ ସୂର୍ଯ୍ୟ।

ମାୟାମୁଠି ମୋହରେ ଅଣେଇପଡିଛି
ନବ ସତେଜ ଆକୀର୍ଣ୍ଣ ଆକାଶ
ଧ୍ୱସ୍ତ ଆକ୍ରାନ୍ତ ଅଭିପ୍ରାୟ ଯେତେ ହୁଏ ଧ୍ୱନିତ
ନିରୋଳି ଉଠେ ପ୍ରୟାସର ଏକ ଜାଗ୍ରତ ଆଶିଷ।

ନବ ଆଲୋଡନ ନବ ଆକଳନର
ଦିବ୍ୟ ସୁରଞ୍ଜିତ ଆକଳ୍ପ ଆକର୍ଷଣୀର ଆଗମନୀ
ବିଭୋର ସଭିଏଁ ପୁରୁଣା ରାଗର ସ୍ମୃତି ସାଉଁଟି
ସ୍ୱାଗତ ହେତୁ ପ୍ରତୀକ୍ଷ ପ୍ରକୃତି ଶିଶିରେ ସ୍ନାନି।

♥ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ ସରକାରୀ
ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ।

## ଗାଆରେ ମନ ଗାଆ
### ସୁଧାଂଶୁ ଶେଖର ଦ୍ୱିବେଦୀ



ମନରେ ତୁ ଗାଆ
ସତ୍ୟ, ଅହିଂସା, କରୁଣା
ପ୍ରେମ ରାଗରେ ସୁର ଲଗା
ଗାଆରେ ମନ ଗାଆ...।

ମନରେ ତୁ ଗାଆ
ସହିଷ୍ଣୁତା, ସୌହାର୍ଦ୍ଦ୍ୟ, ସଦ୍ଭାବ
ମାନବର ଗୁଣ ଆଦରି ନେ
ଗାଆରେ ମନ ଗାଆ...।

ମନରେ ତୁ ଗାଆ
ମମତା, ନ୍ୟାୟ, ଶାନ୍ତି
ଜୀବନ ରାଗରେ ଆଗେଇ ଯାଆ
ଗାଆରେ ମନ ଗାଆ....।

ମନରେ ତୁ ଗାଆ
ନଦୀ, ବୃକ୍ଷ, ପର୍ବତ
ପ୍ରକୃତି ସହିତ ମିଶିଯାଆ
ଗାଆରେ ମନ ଗାଆ....।

ମନରେ ତୁ ଗାଆ
ଗ୍ରାମ, ସ୍ୱରାଜ୍ୟ, ଆତ୍ମନିର୍ଭର
ରାମରାଜ୍ୟର ଗାଥା ଗାଆ
ଗାଆରେ ମନ ଗାଆ...।

♥ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

## ଯକ୍ଷ ପ୍ରଶ୍ନ
### ମୂଳ ହିନ୍ଦୀ- ଅଟଳ ବିହାରୀ ବାଜପେୟୀ
### ଓଡ଼ିଆ-ଶୁଭେନ୍ଦୁ ମେହେର

ଯାହା କାଲିଥିଲା ଆଜି ଆଉ ନାହିଁ ।
ଯାହା ଆଜି ଅଛି
ଆସନ୍ତା କାଲି ନଥିବ,
ଥିବା ନଥିବା କ୍ରମରେ ଏଇମିତି
ଆଗକୁ ଆଗକୁ ଚାଲିବାକୁ ହେବ ।

ମୁଁ ଅଛି, ମୁଁ ରହିବି
ଏ ଭ୍ରମ ବି ପରିବର୍ତ୍ତନୀୟ ।

ସତ୍ୟ କ'ଣ ?
ହେବାକଥା କି' ନ ହେବାକଥା ?
ନା' ଦୁଇଟା ଯାକ ସତ୍ୟ !
ଯାହା ଅଛି,
ତାହା ରହିବା ହିଁ ସତ୍ୟ
ଯାହା ନାହିଁ,
ତାହା ନ ରହିବା ବି ସତ୍ୟ
ମୋତେ ଲାଗେ କି ?
ହେବା ନ ହେବା ଉଭୟେ
ସତ୍ୟର ଗୋଟିଏ ଗୋଟିଏ ପାର୍ଶ୍ୱ ।

ଶେଷରେ......
ସମସ୍ତେ ବୁଝନ୍ତି
ତାହା ହିଁ ବୁଦ୍ଧିର ବ୍ୟାୟାମ
କିନ୍ତୁ......
ନ ହେବା ପରେ କଣ ହୁଏ ?
ଏହି ପ୍ରଶ୍ନ.........ଅନୁତ୍ତରିତ ରହେ ।

ସମସ୍ତ ନୂଆ ନଚିକେତା...!
ଏହି ପ୍ରଶ୍ନର ଖୋଜରେ ଆଜି,
ସମସ୍ତ ସାଧକମାନଙ୍କୁ ହିଁ
ଠକିଛି ଏ ପ୍ରଶ୍ନ ।
ମାନେ.....
ଏ ପ୍ରଶ୍ନ, ପ୍ରଶ୍ନ ହୋଇ ରହିବ ।
ଯଦି କିଛି ପ୍ରଶ୍ନ ଅନୁତ୍ତରିତ ରୁହେ,
ତେବେ ଏଇଥିରେ ଅସୁବିଧା କଣ ?
ହଁ ଖୋଜିବାର ତତ୍ପରତା ନ ଅଟକୁ ।

ଧର୍ମର ଅନୁଭୂତି
ବିଜ୍ଞାନର ଅନୁସନ୍ଧାନ
ଦିନେ ଅବଶ୍ୟ ରୁଦ୍ଧଦ୍ୱାର ଖୋଲିବ
ପ୍ରଶ୍ନ ପଚାରିବା ପରେ
ଯକ୍ଷ ହିଁ ନିଜେ ଉତ୍ତର କହିବ ।

♥ ଯାଲୋଏ, ସୁବର୍ଣ୍ଣପୁର

## ଆକାଶ-ଘର
### ଗଜାନନ ମିଶ୍ର

ମାପିଲାବେଳେ ଆକାଶ
ଛାଡୁଛି ମତେ ମୁଁ ।
ମୁଁ ଇ ସ୍ତବ୍ଧ ଦେଖି ଶୁଣି
ଗ୍ରହ ନକ୍ଷତ୍ର ଗତାଗତ
ଆଉ ସଭିଙ୍କର ସ୍ୱର ଶବ୍ଦ।

ପାରୁଛି ଜାଣି
ବଦଳୁଛି ଯେବେ ଋତୁ।
ମାଟିର ଛାତି ଫଟେଇ
ବାହାରୁଛି ପାଣି ଆଉ
ଅଲୁଅର ଛୁଟୁଛି ସୁଅ।

ମୁଁ ଇ ମତେ କହୁଛି
ରହ ଧୈର୍ଯ୍ୟ ଧରି।
ରହ ଦେଖିବୁ ରଙ୍ଗରୂପ,
ରହ ଆସ୍ତେ ଆସ୍ତେ ଏଠୁ
ହଟିବ କୁହୁଡି ଅନ୍ଧାର,
ସ୍ପଷ୍ଟ ଦିଶିବ ଆକାଶ-ଘର।

♥ତପୋବନ, ଟିଟିଲାଗଡ, ବଲାଙ୍ଗିର
ମୋ: ୯୪୩୭୩୬୬୬୪

## ସନେଟ୍ ସମୟର
### ବୃନ୍ଦାବନ ପ୍ରଧାନ

ଦିନ ପରେ ରାତି ରାତି ପରେ ଦିନ
ମାସ ପରେ କେତେ ବରଷ ହୋଇଗଲା
କିଏ କେଉଁ ପରିସ୍ଥିତିର ସାମ୍ନାର
ମୁକାବିଲା କରି ଜୀବନ ଜିଇଁଲା।

ସମୟ କେବେ ବା କାହାକୁ
ପ୍ରତୀକ୍ଷା କରିଛି କି ଆଗକୁ କରିବ
ହେଲେ ଭାବ ଥିଲା ପୁଣି
ବଞ୍ଚିଥିବା ଯାଏଁ ଆହୁରି ରହିବ।

ସାଧାରଣେ ସତେ ହୋଇପାରେ
ତାର ଗତି ବୃଦ୍ଧ କଚ୍ଛପ ପରି
ସେ ସମୟ ଟିକ୍ ଟିକ୍ ଯାଏ
ଶୈଶବରୁ ସତେ ଦିଏ ବୃଦ୍ଧ କରି।

ତମେ ଆମେ ସମସ୍ତେ ଅତି ନିଜର
ଏ କବିତା ଥିଲା ସନେଟ୍ ସମୟର ।

♥ବାଉଲସିଂହା, ଭଟଲି,
ବରଗଡ଼

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ

ଭୁବନେଶ୍ୱର ,୦୫/୧ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେଚଳିତ ଖରିଫ ଧାନ ସଂଗ୍ରହ ସ୍ଥିତି ସହିତ ସାର୍ବଜନୀନ ବଂଟନ ବ୍ୟବସ୍ଥା (ପିଡିଏସ୍) କାର୍ଯ୍ୟକାରିତାର ସୁପରିଚାଳନା ସଂପର୍କରେ ଅନୁଧ୍ୟାନ କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକକେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରୁ ଜଣାଯାଇଛି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଂଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଂଜୀକୃତ ହୋଇଛି । ୨୦୨୪-୨୫ ରେ ୭୩. ୪୫ ଲକ୍ଷ ମେଟ୍ରିକ୍ ଟନ ଖରିଫ ଏବଂ ୧୯. ୧୮ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା । ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି ପ୍ରାୟ ୧୧ .୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି । ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି । ଧାନ ଅମଳ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ପ୍ରସ୍ତୁତି ଜାରି ରହିଛି । ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ସେମାନଙ୍କର ଧାନ ଯେପରି ସୁବିଧାରେ ବିକ୍ରୟ କରିପାରିବେସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜରି ବ୍ୟବହାର ସହାୟକ ହୋଇଛି । ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଂଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନାସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାର ସୁବ୍ୟବସ୍ଥା ପାଇଁ ସିସିଟିଭି ତଦାରଖ ବ୍ୟବସ୍ଥା, ମଣ୍ଡି ନୋଡାଲ ଅଧିକାରୀଙ୍କ ପାଇଁ ମୋବାଇଲ ଆପ୍ଲିକେସନ୍ସ ସୁବିଧା, ମଣ୍ଡିରୁ ମିଲର୍ସ ଡିପୋ ପର୍ଯ୍ୟନ୍ତ ଧାନ ସଂଗ୍ରହ ପାଇଁ ନିୟୋଜିତ ଯାନର ଗତି ସଂପର୍କରେ ଅନ ଲାଇନ୍ ଟ୍ରାକିଂ, କୌଣସି କାରଣରୁ ପ୍ରକ୍ରିୟାରେ ବିଳମ୍ବ ଦୃଷ୍ଟିକୁ ଆସିଲେ ତୁରନ୍ତ ସମାଧାନ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା । ଏଥିପାଇଁ ଚବିଶ ଘଣ୍ଟିଆ କଲ ସେଂଟର ( ସହାୟତା କେନ୍ଦ୍ର) କାର୍ଯ୍ୟକରୁଥିବା , ଜରୁରୀ ଆବଶ୍ୟକତା ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଫିଡ୍ ବ୍ୟାକ୍ ସେବା ଆଦି ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବୈଠକରେ ସୂଚନା ଦିଆଯାଇଥିଲା । ଧାନ ସଂଗ୍ରହ ପାଇଁ ବିଭିନ୍ନ ଜିଲ୍ଲାକୁ ୧୪୧୮ ମିଲର୍ସ ନିୟୋଜିତ ହୋଇଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାରେ ଅଧିକ ଧାନ ସଂଗ୍ରହ ହେଉଥିବାରୁ ସେହି ଅନୁସାରେ ଚାଉଳକୁ ସଂଗ୍ରହ କରି ରଖିବା ପାଇଁ ସ୍ଥାନର ଅଭାବ ପୂରଣ କରିବାକୁ ଅଧିକ ସ୍ମାର୍ଟ ଗୋଦାମ ବ୍ୟବସ୍ଥା କରିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।୨୬୦୦ ପ୍ରାଥମିକ କୃଷି ସମବାୟ ସମିତି, ୪୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ପାଣି ପଂଚାୟତ ସହଯୋଗରେ ପ୍ରାୟ ୪୦୦୦ ଧାନ ସଂଗ୍ରହ କେନ୍ଦ୍ର ଏହି ପ୍ରକ୍ରିୟାରେ ସାମିଲ ରହିଛନ୍ତି । ରାଜ୍ୟରେ ୬.୫ ଲକ୍ଷ ମେଟ୍ରିକ ଟନ୍ କ୍ଷମତା ରଖୁଥିବା ୧୬୨ଟି ସରକାରୀ ଗୋଦାମ ବ୍ୟବହାର କରାଯାଉଛି । ସେହିପରି ସାରା ରାଜ୍ୟରେ ଖାଦ୍ୟଶସ୍ୟ ପରିବହନ ଓ ବଂଟନ ପାଇଁ ୧୧,୭୦୦ ରୁ ଅଧିକ ସୁଲଭ ଖାଉଟି ଦୋକାନକାର୍ଯ୍ୟ କରୁଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ରାଜ୍ୟର୩ କୋଟି୨୭ ଲକ୍ଷ ୮୩ ହଜାର ୬୭୩ ଜଣ ହିତାଧିକାରୀଙ୍କୁ ରାସନ ଚାଉଳ ଯୋଗାଇ ଦିଆଯାଉଛି ।ରାଜ୍ୟରେ ଖାଉଟି ସାମଗ୍ରୀ ବଂଟନ କରାଯାଉଥିବା ୯୬ ପ୍ରତିଶତ ହିତାଧିକାରୀଙ୍କର ଇ-କେୱାଇସି ଯାଂଚ କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟା ଏବଂ ସାଧାରଣ ବଂଟନ ବ୍ୟବସ୍ଥାର ଆଧୁନିକୀକରଣ କରାଯାଇଥିବା ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସନ୍ତୋଷ ବ୍ୟକ୍ତ କରିଥିଲେ । ଚାଷୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଣ୍ଡିଗୁଡ଼ିକରୁ ଠିକ୍ ସମୟରେ ଧାନ ଉଠିବା, ମଣ୍ଡିରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା, ଚାଷୀମାନେ ଅସୁବିଧାର ସମ୍ମୁଖୀନ ନହୋଇ ସେମାନଙ୍କର ପ୍ରାପ୍ୟ ସୁବିଧାରେ ପାଇବାଏବଂ ସାମଗ୍ରିକ ବ୍ୟବସ୍ଥାର ସୁପରିଚାଳନା ପାଇଁ କଲ ସେଂଟର ତଥା କଂଟ୍ରୋଲ ରୁମ କାର୍ଯ୍ୟକାରିତା ନିୟମିତ ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

# ସିନାପାଲି ଥିପାଖୋଲ ପର୍ଯ୍ୟଟନସ୍ଥଳୀରେ ପରିବେଶ ସଂରକ୍ଷଣ ପାଇଁ ସଫେଇ ଓ ସଚେତନତା

ନୂଆପଡ଼ା,୦୫/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବନ ବିଭାଗ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ଆଂଚଳିକ କାର୍ଯ୍ୟାଳୟ, ବଲାଙ୍ଗୀର) ର ମିଳିତ ଆନୁକୂଲ୍ୟରେ ନାଲସା 'ରାଷ୍ଟ୍ରୀୟ ପରିବେଶ ସୁରକ୍ଷା ଅଭିଯାନ' ଓ ରାଜ୍ୟରେ ଚାଲିଥିବା 'ପ୍ଲାଷ୍ଟିକମୁକ୍ତ ବଣଭୋଜୀସ୍ଥଳ ଅଭିଯାନ' ଅଧୀନରେ ପରିବେଶ ସୁରକ୍ଷା ସମ୍ପର୍କରେ ଆଇନ ସଚେତନତା ପାଇଁ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲ୍ଲାଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହମୁକ୍ତ ଭାରତ ଏବଂ ନିଶାମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆଜି ସିନାପାଲି ବ୍ଲକସ୍ଥିତ ଥିପାଖୋଲ ପର୍ଯ୍ୟଟନସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ତାଲୁକ ଆଇନ ସେବା କମିଟିର ଅଧିକାର ମିତ୍ରଗଣ, ବନ ବିଭାଗ, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ଯୋଗ ଦେଇଥିଲେ । ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ କରି ପରିବେଶର ସୁରକ୍ଷା କରିବା ସହିତ ଭାରତକୁ ବାଲ୍ୟବିବାହ ଓ ନିଶାମୁକ୍ତ କରିବାକୁ ପ୍ରାଧିକରଣର ସଚିବ ନବନୀତା ଦାଶ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଆହ୍ୱାନ ଦେଇଥିଲେ । ସଭାରେ ସିନାପାଲୀ ରେଞ୍ଜର କାମେଶ୍ୱର ତାଣ୍ଡି, ଓଏସପିସିବି ର ଲ୍ୟାବ୍ ସହକାରୀ ଲଳିତ କୁମାର ମହାପାତ୍ର, ଯାର୍ ସଂଗଠନର ପ୍ରତିଷ୍ଠାତା ମହେନ୍ଦ୍ର ଯୋଶୀ, ମିରର୍ ସଂଗଠନର ପ୍ରତିଷ୍ଠାତା କାର୍ତ୍ତିକ ବାଗ୍, ଫ୍ୟାମିଲି କାଉନସିଲର ଯଶୋବନ୍ତି ବାଗ, ମିରର୍ ଅନୁଷ୍ଠାନର ବହୁ ସ୍ୱେଚ୍ଛାସେବୀ ଓ ପ୍ରାଧିକରଣର ଅଧିକାରମିତ୍ରଗଣ କ୍ଷୀରସିନ୍ଧୁ ସଗରିଆ, ଅଞ୍ଜନା ଜଗତ, ସରୋଜିନୀ ନାଏକ, ଅନିତା ନାଏକ, ବର୍ଷା ମେହେର, ଆନନ୍ଦି ବାଗ, ବୋଧିସତ୍ୱ ବାଗ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାୟ ୬୦ କିଲୋ ପ୍ଲାଷ୍ଟିକ୍ ଆବର୍ଜନା ଉକ୍ତ ପର୍ଯ୍ୟଟନସ୍ଥଳୀରୁ ଉଠା ହୋଇଥିଲା । ସଭା ଶେଷରେ ସମସ୍ତେ ମିଶି ବାଲ୍ୟ ବିବାହମୁକ୍ତ ଭାରତଗଠନ ଓ ବଣଭୋଜୀସ୍ଥଳଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ ରଖିବାକୁ ଶପଥପାଠ କରିଥିଲେ ।

# ନବଦୋୟ ବିଦ୍ୟାଳୟରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଜଣ୍ଡିସରେ ଆକ୍ରାନ୍ତ

ଖୋର୍ଦ୍ଧା,୦୫/୧ (ନି.ପ୍ର): ଖୋର୍ଦ୍ଧା ଗୁରୁଜଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଜଣ୍ଡିସ (ହେପାଟାଇଟିସ-ଏ)ରେ ଆକ୍ରାନ୍ତ ହୋଇଛନ୍ତି । ରବିବାର ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ ଅକ୍ଟୋବର ମାସରୁ ପୂଜା ଛୁଟିରୁ ଫେରିବା ପରେ ଜଣେ ଛାତ୍ର ଥଣ୍ଡା ଜ୍ୱରରେ ପୀଡିତ ହୋଇଥିଲେ । ତାଙ୍କ ଠାରେ ହେପାଟାଇଟିସ ଏ ଲକ୍ଷଣ ଦେଖାଯାଇଥିଲା । ପରେ ନଭେମ୍ବର ମାସରେ ୬ଜଣ, ଡିସେମ୍ବର ମାସରେ ୯ଜଣ ଆକ୍ରାନ୍ତ ହୋଇଥିବା ଆଜି ହଠାତ ଅପରାହ୍ନରେ ୧୦ଜଣ ଛାତ୍ର ଭୀଷଣ ଥଣ୍ଡା ଜ୍ୱରରେ ପୀଡିତ ଛାତ୍ରଙ୍କୁ ମେଡିକାଲ ନିଆଯାଇଥିଲା । ଟେଷ୍ଟ ପରେ ତାଙ୍କ ଦେହରେ ହେପାଟାଇଟିସ ଏ ଅର୍ଥାତ ଜଣ୍ଡିସ ପ୍ରଥମ ଲକ୍ଷଣ ଚିହ୍ନଟ ହୋଇଥିଲା । ଖବରପାଇ ପରିବାର ଲୋକେ ପହଂଚିଥିଲେ ।

# ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ଏବଂ ବକ୍ସି ଜଗବନ୍ଧୁ ଶ୍ରାଦ୍ଧ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୦୫/୧ (ନି.ପ୍ର): ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ପବିତ୍ର ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଏବଂ ଖୋର୍ଦ୍ଧା ମାଟିର ଗର୍ବ ଓ ଗୌରବ ସ୍ୱାଧୀନତା ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସାଧାରଣତନ୍ତ୍ର ଦିବସ ଏବଂ ବକ୍ସି ଜଗବନ୍ଧୁ ଙ୍କ ଶ୍ରାଦ୍ଧ ଦିବସ କୁ ସ୍ମରଣୀୟ କରିବା ପାଇଁ ଅଧକ୍ଷ ଶ୍ରୀ ବେଉରା ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟା ଏବଂ ସଦସ୍ୟ ମାନଙ୍କ ମତାମତ ଲୋଡିଥିଲେ । ପ୍ରସ୍ତାବ ଅନୁମୋଦନ କ୍ରମେ ସାଧାରଣ ତନ୍ତ୍ର ଦିବସ ଦିନ ପ୍ରତ୍ୟୁଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ପୌର ପରିଷଦ ଅଞ୍ଚଳରେ ରାମଧୁନ ପ୍ରଚାର କରାଯିବ । ପରେ ସକାଳେ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନିଜନିଜ ଅଞ୍ଚାଳରେ ପ୍ରଭାତ ଫେରି କରାଯିବା ସହ ସକାଳ ୭ ଘଟିକା ସମୟରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ସକାଳ ୭ ଘଟିକା ୩୦ ମିନିଟ ସମୟରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଜାତୀୟ ପାତାକା ଉତ୍ତୋଳନ କରାଯିବ । ଜିଲ୍ଲା ସ୍ତରୀୟ ମୁଖ୍ୟ ଉତ୍ସବ ଜିଲ୍ଲା ସଦର ମହକୁମା ବି ଜେ ବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ । ଉତ୍ସବର ମୁଖ୍ୟ ଅତିଥି ସକାଳ ୯ ଘଟିକା ୧୫ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜୀବନ ରକ୍ଷା କାରୀ (ଗୁଡ଼ ସମରିଟାନ୍)ଙ୍କୁ ଓ କ୍ରୀଡ଼ା କ୍ଷେତ୍ରରେ ଆନ୍ତର୍ଜାତୀୟ କ୍ଷେତ୍ର ରେ ଶ୍ରେଷ୍ଠତା ପ୍ରତିପାଦିତ ନିମନ୍ତେ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯିବ । ସେହିପରି ବକ୍ସି ଜଗବନ୍ଧୁ ଙ୍କ ଶ୍ରାଦ୍ଧ ଦିବସ ପାଳନ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ବକ୍ସି ଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ବି ଜେ ବି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ । ଆସନ୍ତା ୨୪ ତାରିଖରେ ବି ଜେ ବି ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଅନୁଷ୍ଠିତ ହେବ । ବିଦ୍ୟାଳୟ ପରିସରରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ସାମୁହିକ ମାଲ୍ୟାର୍ପଣ ଅତିଥି ମାନଙ୍କ ଦ୍ୱାରା କରାଯିବ । ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଭ୍ୟାସ ପ୍ୟାରେଡ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ବି ଜେ ବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଏବଂ ମୁଖ୍ୟ ଉତ୍ସବ ୨୬ ତାରିଖ ଦିନ ବି ଜେ ବି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ । ଦିବସରେ ବିଭିନ୍ନ ବିଭାଗର ରାଜ୍ୟ ସରକାରଙ୍କ ଅଗ୍ରଣୀ ଯୋଜନାର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରାଯିବ । ଜାତୀୟ ପତାକାକୁ ସମସ୍ତ କାର୍ଯ୍ୟାଳୟ ସୂର୍ଯ୍ୟାସ୍ତ ପୂର୍ବରୁ ଅବତରଣ କରିବାକୁ ଅଧକ୍ଷ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ବିଏମ୍‌ସିର ପ୍ରଥମ ପଥ ଉତ୍ସବରେ ଦର୍ଶକଙ୍କ ପ୍ରବଳ ଭିଡ଼

ଭୁବନେଶ୍ୱର ,୦୫/୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆୟୋଜିତ ପ୍ରଥମ ପଥ ଉତ୍ସବରେ ଝୁମିଲେ ଦର୍ଶକ, ଗୀତ ନାଚ ସହ ପପୁ ପମ୍ପପମଙ୍କ କମେଡି ବିମୋହିତ କଲା ଦେଖଣାହାରୀଙ୍କୁ । ମାଷ୍ଟର କ୍ୟାଂଟିନଠାରୁ ରାମ ମନ୍ଦିର ମଧ୍ୟରେ ମେଳିଥିଲା ମନୋରଂଜନର ପସରା । ଆଉ ଶୀତୁଆ ସକାଳରେ ଏହାର ମଜ୍ଜା ଲୁଟିଥିଲେ ହଜାର ହଜାର ଦର୍ଶକ । ପ୍ରବଳ କୁହୁଡ଼ି ଓ ଶୀତ ସତ୍ୱେ ଦର୍ଶକଙ୍କର ସୁଅ ଛୁଟିଥିଲା । ପପୁ ପମ୍ପପମଙ୍କ ମଦୁଆ କମେଡି ହସର ଏକ ଲମ୍ବା ଲହରୀ ସୃଷ୍ଟି କରିଥିଲା । ସେପଟେ ରାମ ମନ୍ଦିର ଛକ ନିକଟରେ ଥିବା ଦ୍ୱିତୀୟ ମଂଚର ଡିଜେରେ ମତୁଆଲ୍ଲା ହୋଇଉଠିଥିଲେ ଯୁବଗୋଷ୍ଠୀ । ଶହ ଶହ ଯୁବକ ଯୁବତୀ ଡିଜେର ତାଳେ ତାଳେ ଧୁମ୍ ମଚାଇଥିଲେ । ଆଜି ସକାଳୁ ସକାଳୁ ଭୁବନେଶ୍ୱରକୁ ପ୍ରବଳ ଶୀତ ଓ କୁହୁଡ଼ି ପୁରା ଆଚ୍ଛାଦନ କରି ରଖିଥିଲା । ସକାଳ ୬ ଟାରୁ ଗର୍ଜନ କରିଥିଲା ବିଏମ୍ ସି ପକ୍ଷରୁ ଆୟୋଜିତ ପଥ ଉତ୍ସବର ବକ୍ସ ସାଉଣ୍ଡ । ବକ୍ସ ସାଉଣ୍ଡ ଯେତିକି ଯେତିକି ଗର୍ଜନ କରୁଥାଏ, ଦର୍ଶକଙ୍କ ଭିଡ ସେତିକି ସେତିକି ଜମୁଥାଏ । ସାଢେ ୬ ଟା ବେଳକୁ ଦର୍ଶକଙ୍କ ଭିଡ ଜମି ଆସିଥିଲା । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଅନ୍ୟମାନଙ୍କ ମଧ୍ୟରେ ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଂଚଳ ରାଣା, ସାଂସ୍କୃତି ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଅଧକ୍ଷା ଓ କର୍ପୋରେଟରବୃନ୍ଦ ୨୦୨୬ ର ପ୍ରଥମ ରବିବାରେ ପ୍ରଥମ ପଥ ଉତ୍ସବକୁ ମାଷ୍ଟର କ୍ୟାଂଟିନସ୍ଥିତ ପ୍ରଥମ ମଂଚରୁ ଉଦଘାଟନ କରି ଏକ ସବୁଜ ବାର୍ତ୍ତାଦେଇଥଲେ । ମଂଚ ଉପରେ ରଖାଯାଇଥିବା ଗଛରେ ପାଣି ଦେଇ ଅତିଥିମାନେ ସବୁଜ ଭୁବନେଶ୍ୱରର ବାର୍ତ୍ତା ଦେଇଥିଲେ । ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଉଦଘାଟିତ ହୋଇଥିଲା ୨୦୨୫-୨୬ ର ପ୍ରଥମ ପଥ ଉତ୍ସବ । ଅତିଥିମାନଙ୍କ ଅଭିଭାଷଣ ପରେ ଆରମ୍ଭ ହୋଇଥିଲା ପଥ ଉତ୍ସବର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶୀ ନୃତ୍ୟ ଉପସ୍ଥିତ ଦର୍ଶକ ଓ ଅତିଥିମାନଙ୍କ ମନମୋହିଥିଲା ।

ପରେ ମଂଚ ଉପରକୁ ଆସିଥିଲେ କମେଡି କିଙ୍ଗ୍ ପପୁ ପମ୍ପପମ୍ । ସେ ବିଭିନ୍ନ ପ୍ରକାର କମେଡି କରିବା ସହ ଦୁଇଟି ଗୀତ ମଧ୍ୟ ଗାଇଥିଲେ । ତାଙ୍କର ମଦୁଆ ଉପାଖ୍ୟାନ କମେଡିରେ ଦର୍ଶକ ହସି ହସି ଲୋଟିପଡିଥିଲେ । ମଂଚକୁ ଆସିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଟିମ୍ । ଗୋଟିକ ପରେ ସେ ଗୋଟିଏ ଗୀତ ଗାଇ ଚାଲିଥାନ୍ତି । ମାତ୍ର ଦର୍ଶକଙ୍କର ଦାବି ଆଉ ଗୋଟିଏ ଆଉ ଗୋଟିଏ । ତାଙ୍କ ଦ୍ୱାରା ପରିବେଶିତ ଗୀତ ଡୁଙ୍ଗୁ ଥିଲି, ମୁଁ ତେଲଗୁ ସୁନ୍ଦରୀ, ପାଣି ମାରିଗଲା ଝାଇଁ, ମୁଁ ଶାଶୁଘର ଚାଲିଯିବି, ଏପରିକି ରଙ୍ଗବତୀ ଗୀତରେ ଉପସ୍ଥିତ ଦର୍ଶକ ଧୁମ୍ ନାଚିଥିଲେ । ଆଉ ଏହି ଦୃଶ୍ୟକୁ ନିଜ ନିଜ କ୍ୟାମେରା ଓ ମୋବାଇରେ ବାନ୍ଧି ରଖିବାକୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଖାଲି ବାନ୍ଧି ରଖିନଥିଲେ, ଅଧିକାଂଶ ରିଲ୍ ପ୍ରସ୍ତୁତ କରି ନିଜ ନିଜ ହ୍ୱାଟ୍ସ ଆପ୍, ଫେସ୍ ବୁକ୍, ୟୁଟ୍ୟୁବ୍ ଚ୍ୟାନେଲରେ ପୋଷ୍ଟ କରିବାକୁ ମଧ୍ୟ ଭୁଲି ନଥିଲେ ।

ହିଲିୟମ ବେଲୁନ୍ ଉଡି ସ୍ୱଚ୍ଛ ସର୍ବେକ୍ଷଣ ଏବଂ ପଥ ଉତ୍ସବର ସଚେତନତା ବାର୍ତ୍ତା ଦିଆଯାଇଥିଲା । ଆଜିର ଏହି ସୁସ୍ଥ ପରିବେଶକୁ ଆହୁରି ମନଛୁଆଁ କରିବାର ଉପାଦାନ ମଧ୍ୟରେ; ପିଲାଙ୍କ ଖେଳ ବା କିଡ୍ ସ ଜୋନ୍, ଟଲ୍ ମ୍ୟାନ୍, ଚାର୍ଲି ଚାପ୍ଲିନଙ୍କ ମଡେଲ ଖୁବ୍ ମନମୁଗ୍ଧକର ଲାଭ କରିଛି କ୍ଷ ଟ୍ରି ମ୍ୟାନ୍ ଅବଧାରଣା ଖୁବ୍ ସମୟ ଉପଯୋଗୀ ବୋଲି କହିଛନ୍ତି ଅନେକ ଦର୍ଶକ ।

ବିଭିନ୍ନ ଯୋଗ ଅଭ୍ୟାସ ଏଠାକାର ଦର୍ଶକଙ୍କୁ ସୁସ୍ଥ ବାର୍ତ୍ତା ବାଂଟିଥିଲେ । ବିଶେଷ କରି ମୋଟର ବାଇକ୍ ରେ କଳା ନିପୁଣତାର ଦୃଶ୍ୟମାନ ଉପଭୋଗ୍ୟ ଥିଲା । ପାରମ୍ପରିକ ବାଘ ନାଚ, ମେଢ଼ ନାଚ, ଓଡ଼ିଶୀ ଇତ୍ୟାଦି ସ୍ୱତନ୍ତ୍ର ଥିଲା ।

# ଭାଗୀରଥି ନେପାକଙ୍କ ଶ୍ରାଦ୍ଧ ଦିବସ ପାଳନ

ବଲାଙ୍ଗୀର,୦୫/୧ (ନି.ପ୍ର): ଲେଖକମାନଙ୍କର ଲେଖନୀ ଏକ ଦୃଢ ମାଧମ ଅଟେ । ସେହି ମାଧମରେ ସତ୍ୟ, ଅହିଂସା ପ୍ରତିଷ୍ଠା କାଯାଇଇ ସମାଜକୁ ଦିଗ୍ ଦର୍ଶନ ଦିଆଯାଇ ପାରିବ ବୋଲି ଭାଗରଥି ନେପାକଙ୍କ କୋଡିଏ ତମ ଶ୍ରାଦ୍ଧ ଦିବସ ରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ପୂଜ୍ୟ ପୂଜା ସେବା ସଂଗଠନ ଦ୍ୱାରା ଆୟୋଜିତ ସଭାରେ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜେନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସତ୍ୟବନ୍ତ ବେଦବାକ ମୁଖ୍ୟ ଅତିଥି ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଭାଗିରଥି ନେପାକଙ୍କ ପାଣ୍ଡୁଲିପି ଗୁଡିକୁ ପ୍ରକାଶିତ କରି ପାରିଲେ ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହି ସଭାର ସୁରେନ୍ଦ୍ର ନେପାକ ଭାଗରଥି ନେପାକଙ୍କ ପାଣ୍ଡୁଲିପି ଉପରେ ଆଲୋପକାତ କରି ତାଙ୍କ ପ୍ରତି ଅତି ଆହୁରି ଗବେଷାର ଆବଶ୍ୟକତା ଅଛି ବୋଲି କହିଥିଲେ । ଏହି ସମାରୋହରେ ଡ. ଗୋବର୍ଦ୍ଧନ ନାୟକଙ୍କୁ ସରସ୍ୱତୀ ପୁତ୍ର ଭାଗିରଥି ନେପାକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଆଦର୍ଶ ଶିକ୍ଷକ ପ୍ରାଣବନ୍ଧୁ ନାୟକ ଓ ତାଙ୍କ ଧର୍ମପତ୍ନୀ ଙ୍କ ଆରୋଗ୍ୟ କାମନା କରାଯାଇଥିବା ବେଳେ ଶିଶୁ ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସଭ୍ୟ ସୁଧିର କୁମାର ମିଶ୍ରଙ୍କ ପରଲୋକରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଭା ଆରମ୍ଭରେ ଡ. ପ୍ରେମଚାନ୍ଦ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ ଓ ମଧୁ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଚୁଡେନ୍ଦ୍ର ବେହେରା, ସୁନାଧର ବନଛୋର, ଅବନାଶ ନେପାକ, ଶୁଭମ କୁମାର ସାହୁ, ଜିତେନ୍ଦ୍ର ସୁନା, ମାଳତୀ ଉଦ୍ ?ଗାତା, ବିଶ୍ୱନାଥ ମିଶ୍ର, କସ୍ତୁରୀ ରଥ, ଅନୁପ୍ରିୟା ମିଶ୍ର, ରାଜଶ୍ରୀ ତ୍ରିପାଠି, ଚନ୍ଦ୍ରମା ହୋତା, ରତ୍ନମୟ ତ୍ରିପାଠି ଓ ମଦନ ମୋହନ ରଥ । ଶେଷରେ ଡା. ଅଶୋକ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଲୁମନାଇ ସେଲ - ସୋଆ ପକ୍ଷରୁ ଗ୍ରାଣ୍ଡ ହୋମ୍ କମିଂ ଆୟୋଜିତ

ଭୁବନେଶ୍ୱର,୦୫/୧ (ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗଠିତ ଆଲୁମନାଇ ସେଲ୍- ସୋଆ ପକ୍ଷରୁ ଗ୍ରାଣ୍ଡ ହୋମ କମିଂ-୨୦୨୫ ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୫୦୦ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିବା ବେଳେ ଶନିବାର ପ୍ରଥମାର୍ଦ୍ଧରେ ନିଜ ନିଜ ଅନୁଷ୍ଠାନରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅପରାହ୍ନରେ ସୋଆ କ୍ୟାମ୍ପସ -୨ ଅଡିଟୋରିୟମ୍‌ରେ ଆୟୋଜିତ ଗ୍ରାଣ୍ଡ ହୋମ କମିଂ କାର୍ଯ୍ୟକ୍ରମରେ ସେମାନେ ସାମିଲ ହୋଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା ଓ ଅନୁଭୂତି ପରପିଢ଼ିଙ୍କ ସହ ବାଂଟିବାକୁ ଉପଦେଶ ଦେଇଥିଲେ । ନିଜର ସହପାଠୀ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଯୋଗ ବଢ଼ାଇବା ସହ ଖୁସି ବାଂଟନ୍ତୁ ବୋଲି ଡକ୍ଟର ଦାଶ କହିଥିଲେ ।କାର୍ଯ୍ୟକ୍ରମରେ ସିଏସଆଇର୍‌-ଆଇଏମଏମ୍‌ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ପୁରାତନ ଛାତ୍ରଛାତ୍ରୀମାନେ ନିଜେ ଗର୍ବ ଅନୁଭବ କରିବା ସହ ସେମାନଙ୍କ କାର୍ଯ୍ୟରେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରନ୍ତୁ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷାକୁ ସମାଜର ହିତ ପାଇଁ ବିନିଯୋଗ କରିବା ନିମନ୍ତେ ସେ ସୋଆର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ସଫଳତାର ଚିତ୍ର ପ୍ରକାଶ କରିବା ସହ ପୂର୍ବତନ ଛାତ୍ରଛାତ୍ରୀମାନେ ନିଜ ପାଠ ପଢ଼ିଥିବା ଅନୁଷ୍ଠାନ କିଭଳି ଆହୁରି ଅଧିକ ଉନ୍ନତି କରିଛି ତାହା ବୁଲି ଦେଖିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସୋଆର ଦୁଇ ଜଣ ପୁରାତନ ଛାତ୍ର ତଥା ଡେଲଏଟ, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ବିଶ୍ୱ ସାମଲ ଓ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଡି.ଏସ୍. ଅରବିନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସେମାନଙ୍କ ଛାତ୍ର ଜୀବନର ମଧୁର ସ୍ମୃତି ବଖାଣିବା ସହ ସୋଆର ଗାରିମାକୁ କିଭଳି ଉଚ୍ଚତର ସ୍ତରକୁ ନିଆଯାଇ ପାରିବ ସେ ନେଇ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହେବା ଆବଶ୍ୟକ ବୋଲି କହିଥିଲେ । ସୋଆରେ ବର୍ତ୍ତମାନ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିବା ଏକ ମାନବିକ ଓ ସାମାଜିକ ଦାୟିତ୍ୱ ବୋଲି ଡକ୍ଟର ସାମଲ କହିଥିଲେ । ସେହିପରି ୨୦୧୮ ବ୍ୟାଚରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରୁ ଏମ୍‌ବିବିଏସ୍ ଶିକ୍ଷାଲାଭ କରିଥିବା ଡକ୍ଟର ଅରବିନ୍ଦ କହିଥିଲେ ଯେ ସେ ଆଜି ଯାହା କିଛି ବି ହାସଲ କରିଛନ୍ତି ତା'ର ସବୁ ଶ୍ରେୟ ସୋଆର । କାର୍ଯ୍ୟକ୍ରମରେ ସୋଆର ଉପକୁଳପତି (ଆଲୁମନାଇ ରିଲେସନ) ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ପୁରାତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଆଲୁମନାଇ ସେଲ-ସୋଆର ଆସୋସିଏଟ୍ ଡିନ ଡକ୍ଟର ସୁସ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡାଇରେକ୍ଟର କର୍ପୋରେଟ ରିଲେସନ୍ ଶ୍ରୀ ରୀପ୍ତି ରଞ୍ଜନ ଦାଶ ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ ।

# ୧୦ ତମ ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନୂଆପଡ଼ା,୦୫/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚିନ୍ଦାଗୁଡା ବୈଦେହୀ ସାଗର ଖେଳ ପଡିଆ ଠାରେ ଦଶମ ତମ ଭଗବାନ ଦୁରିଆ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱର୍ଗତ ଭଗବାନ ଦୁରିଆଙ୍କ ନାତି କ୍ଷେତ୍ର ମୋହନ ଦୁରିଆଙ୍କ ପ୍ରଚେଷ୍ଟା ଓ ଶିବ ଶକ୍ତି କ୍ରିକେଟ କ୍ଲବ ଚିନ୍ଦାଗୁଡାର ଯୁବକମାନଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଂଟ ଗତ ଡିସେମ୍ବର ୨୬ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଥିରେ ୨୬ ଗୋଟି ଦଳ ଭାଗ ନେଇଥିଲେ । ଆଜି ଫାଇନାଲ ଖେଳ ନେହେନା ଓ ବିଜେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ନେହେନା ଦଳ ପ୍ରଥମ ବ୍ୟାଟିଙ୍ଗ କରି ବିଜେପୁର ଘାତକ ବୋଲିଂ ଆଗରେ ମାତ୍ର ୫୮ ରନ କରିବାରେ ସକ୍ଷ୍ୟମ ହୋଇଥିଲା । ବିଜେପୁର ଦଳ ୫୮ ରନ ର ପିଛା କରି ମାତ୍ର ଛଅ ଓଭର ମଧ୍ୟରେ ଆବଶ୍ୟକ ରନ ସଂଗ୍ରହ କରି ଚମ୍ପିୟାନ ହୋଇଥିଲା । ଏହି ଫାଇନାଲ ଖେଳକୁ ପ୍ରସିଦ୍ଧ ଡ୍ୟାନସିଂ ଆମ୍ପୟାର ବସନ୍ତ ଶବର ଓ ବିରେଶ୍ୱର ବିଶି ପରିଚାଳନା କରିଥିବାବେଳେ ମ୍ୟାଚ ରିଫେରି ଭାବରେ ଦୁଲ୍ଲଭଚନ୍ଦ୍ର ମାଝୀ ଦାଇତ୍ୱ ତୁଲାଇଥିଲେ । ସେହିଭଳି ସ୍କୋରର ଭାବରେ ଭାରତ ଭୂଷଣ ମାଝୀ ଓ ଭାଷ୍ୟକାର ଭାବରେ ସାରାନ୍ସ ଦୁରିଆ ଓ ଶିବଦତ କୁମାର ଦାଇତ୍ୱ ତୁଲାଇଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଅବସରରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଫିସର ବୁଟୁଲୁ ମାଝୀ, ସାମ୍ବାଦିକ କୁନୁ କରୁଆଁ, ଶିକ୍ଷକ ହେମନ୍ତ ମାଝୀ, ଅବସର ପ୍ରାପ୍ତ ଏକ୍ସ ଆର୍ମୀ ପବିତ୍ର ମାଝୀ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ତିରିଶ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ଅଠର ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ । ପରିଶେଷରେ ଆୟୋଜକ କ୍ଷେତ୍ର ମୋହନ ଦୁରିଆଙ୍କ ଦ୍ୱାରା ଚିନ୍ଦାଗୁଡା ପଂଚାୟତର ସତାଧିକ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଂଟନ କରାଯାଇଥିଲା । ଏହି ଟୁର୍ନାମେଂଟକୁ ଶିବ ଶକ୍ତି କ୍ରିକେଟ କ୍ଲବର ହରେକୃଷ୍ଣ ବାରିକ, ଚୁମନଲାଲ ବାଗ, ଦିଗାମ୍ବର ବାଗ, ଜ୍ୟୋତି ପ୍ରକାଶ ମାଝୀ, ରୋଶନ ପ୍ରଧାନୀ କେଶରୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# ଜାନୁୟାରୀ ୧୧ରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ

ବଲାଙ୍ଗିର,୦୫/୧ (ନି.ପ୍ର): ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଯାଇଛି । ଉପଜିଲ୍ଲାପାଳ ତଥା ଅଧକ୍ଷ ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏ ବର୍ଷ କିଭଳି ହଜିଯାଇଥିବା କଳା ସଂସ୍କୃତି ପୁର୍ନଜିବିତ ହେବ ଏବଂ କଳାକାରଙ୍କୁ ନେଇ ମଂଚ ପରିବେଷଣ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଆଗାମୀ ଜାନୁୟାରୀ ୧୧ ତାରିଖ ଦିନ ଟାଉନ ବାଳିକା ବିଦ୍ୟାଳୟରେ ଉତ୍ସବ ଆୟୋଜିତ ହେବ ବୋଲି ନିଷ୍ପତି ନିଆଯାଇଥିଲା । ଏଥିରେ ବିଭିନ୍ନ ବ୍ଲକର କଳାକାର ଓ ବୁଦ୍ଧିଜିବ ଓ ସରକାରୀ କର୍ମଚାରୀମାନଙ୍କ ଉପସ୍ଥିତିରେ ନିଷ୍ପତି ନିଆଯାଇଥିଲା । ସହକାରୀ କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହି, ଆଲୋକ ପୁରୋହିତ ପ୍ରମୁଖ ମଂଚାସିନ ଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ମିଶ୍ରଙ୍କର ପରଲୋକ

ବଲାଙ୍ଗୀର,୦୫/୧ (ନି.ପ୍ର): ତୁଳସୀ ନଗର ନିବାସୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର ରଞ୍ଜନ ମିଶ୍ର (୬୧)ଙ୍କର ପରଲୋକ ଘଟିଛି । କିଛି ଦିନ ଧରି ଅସୁସ୍ଥ ଥିବା ମିଶ୍ରଙ୍କର ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲା । ଶୁକ୍ରବାର ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ସେହି ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ପରଲୋକ ସମୟରେ ପତ୍ନୀ ଜ୍ୟୋତ୍ସ୍ନା, ଦୁଇ ପୁଅ ପ୍ରତ୍ୟୁଷ ଓ ପ୍ରତୀକଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମିଶ୍ର ଜଣେ ମେଳାପି ଓ କର୍ମଠ ବ୍ୟକ୍ତି ଭାବରେ ସୁପରିଚିତ ଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୫/୧ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୮୮ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୫୭ ଗୋଟି ବ୍ୟକ୍ତିଗତ, ୧୧ ଗୋଟି ସାମୁହିକ, ୨୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୩୩ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଆଜି ୬୦% ଓ ତାହାଠାରୁ ଅଧିକ ଗତିଶୀଳ ଅସମର୍ଥତା ଥିବା ଲୋକୋମୋଟର ଅକ୍ଷମ ବ୍ୟକ୍ତିମାନଙ୍କୁ ୮ (ଆଠ)ଟି ବ୍ୟାଟେରୀ ଚାଳିତ ଟ୍ରାଇସିକଲ୍ ପ୍ରଦାନ କରାଯାଇଛି । ଏହି ଟ୍ରାଇସିକଲ୍ ଗୁଡ଼ିକୁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ବାଲେଶ୍ୱର ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଶ୍ରୀନଅରରେ ଗଜପତି ...

ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳ ଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥାନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥାନ୍ତି। ଶ୍ରୀନଅରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭେନେଜୁଏଲା ପରେ ଟ୍ରମ୍ପଙ୍କ...

ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଖାମନେଇ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ପ୍ରଶଂସା କରିଛନ୍ତି । ଆଉ କହିଛନ୍ତି ଯେ, ଇରାନୀ ସଂସ୍କୃତି, ରୁଷ ସଂସ୍କୃତି ସହିତ ଅଧିକ ସମାନତା ଅଛି । ରିପୋର୍ଟ ଅନୁସାରେ ଖାମନେଇଙ୍କ ସମ୍ପତ୍ତିର ମୂଲ୍ୟ ପାଖାପାଖି ୯୫ ଅରବ ଡଲାର ଆକଳନ କରାଯାଇଥିଲା।

# ଗୀତିକାର ଭୀମ ଚରଣ ପରିଡ଼ାଙ୍କ ଓଡ଼ିଆ ଭଜନ "କଳାଶ୍ରୀମୁଖ" ଓ ଆଲବମ୍ "ବିଶ୍ୱାସ" ଲୋକାର୍ପିତ

ଭଦ୍ରକ , ୫/୧ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ଭଦ୍ରକ ଠାରେ ୦୩-୦୧-୨୦୨୬ରିଖ ଦିନ ମୁଖ୍ୟ ଅତିଥି ମାନନୀୟ ଜିଲ୍ଲାପାଳ ଶ୍ରୀଯୁକ୍ତ ଦୀଲିପ ରାଉତରାଏଙ୍କ କରକମଳରେ ସଂପର୍କ ମ୍ୟୁଜିକ୍ ନିବେଦିତ ଶ୍ରୀମତୀ ସବିତା ପରିଡ଼ାଙ୍କ ପ୍ରଯୋଜନାରେ ଗୀତିକାର ଭୀମ ଚରଣ ପରିଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଭଜନ 'କଳାଶ୍ରୀମୁଖ' ଓ ଆଲବମ୍ ସଂଗୀତ 'ବିଶ୍ୱାସ'ର ଶୁଭ ଉନ୍ମୋଚନ କରାଯାଇଥିଲା । ଏହି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଡେ଼ପୁଟି କଲେକ୍ଟର ଶ୍ରୀଯୁକ୍ତ କାର୍ତ୍ତିକନାଥ ମଣ୍ଡଳ, ସମ୍ମାନୀତ ଅତିଥିଭାବେ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ, ଭଦ୍ରକ, ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ, ବ୍ଲକ ଶିକ୍ଷାଧିକାରୀ, ଭଦ୍ରକ, ଇଂ ଅଭୟ ସୂତାର, ବିଶିଷ୍ଟ ସ୍ତମ୍ଭକାର, ଶ୍ରୀଯୁକ୍ତ ହରିହର ନାୟକ, ଜିଲ୍ଲା ମୁଖ୍ୟ ପ୍ରତିନିଧି ସମ୍ବାଦ, ଭଦ୍ରକ, ଶ୍ରୀଯୁକ୍ତ କ୍ଷୀରୋଦ ବିହାରୀ ଦାସ, ସତ୍ତ୍ୱାଧିକାରୀ ସାଇ ଭରଦ୍ୱାଜ ହସ୍‌ପିଟାଲ୍, ଭଦ୍ରକ, ଶ୍ରୀଯୁକ୍ତ ରୁଦ୍ରମାଧବ ବାରିକ୍, ସଂଗୀତ ନିର୍ଦ୍ଦେଶକ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଶ୍ରୀଯୁକ୍ତ ଅଟଳ ବିହାରୀ ନାୟକ। ପ୍ରାରମ୍ଭରେ ଅତିଥିମାନଙ୍କ



ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଆଲବମ୍‌ର ସବୁ ସଂଗୀତକୁ ଭିଜୁଆଲ ମାଧ୍ୟମରେ ଦର୍ଶକମାନଙ୍କୁ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାର କଳାସଂସ୍କୃତିକୁ ଉଜ୍ଜିବୀତ କରିବାରେ ଗୀତିକାର ଶ୍ରୀ ପରିଡ଼ାଙ୍କର ଏହି ପ୍ରୟାସକୁ ଭୁରିୟଶୀ ପ୍ରଶଂସା କରିବା ସହ ତାଙ୍କ ରଚିତ ଓଡ଼ିଆ ଭଜନକୁ ଆଗାମୀ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀରେ ଗାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଶ୍ରୀଯୁକ୍ତ କାର୍ତ୍ତିକନାଥ ମଣ୍ଡଳ ତାଙ୍କ ବକ୍ତବ୍ୟରେ ସବୁ ଗୀତ ଗୁଡ଼ିକ ବହୁ ସୁନ୍ଦର ହୋଇଛି ଏବଂ ଏହା ଓଡ଼ିଶାର ଜନସାଧାରଣଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀଯୁକ୍ତ ହରିହର ନାୟକ ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କର ଏପରି ଉଦ୍ୟମକୁ ପ୍ରଶଂସା କରିବା ସହିତ ଭଦ୍ରକ ଜିଲ୍ଲାର ଜଣେ ପ୍ରତିଷ୍ଠିତ ଗୀତକାର ଭାବରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟାନ୍ୟ ଅତିଥିଭାବେ ଭଦ୍ରକ ବ୍ଲକର ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ା ନିଜର ଶିକ୍ଷକତା ପେଷା ସହିତ ଜଡ଼ିତ ଥାଇ ମଧ୍ୟ ଗୀତ ରଚନା କରିବାର କଳା ଆମ୍ଭ ସମସ୍ତଙ୍କୁ ମୁଗ୍ଧ କରିପାରିଛି । ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କ ଏହି ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ଇଂ ଅଭୟ ସୂତାର ତାଙ୍କ ବକ୍ତବ୍ୟରେ ଶ୍ରୀ ପରିଡ଼ାଙ୍କର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ଓ ଏହା ଭଦ୍ରକ ଜିଲ୍ଲା ପାଇଁ ଗୌରବର ବିଷୟ । ପ୍ରଯୋଜିକା ଶ୍ରୀମତୀ ସବିତା ପରିଡ଼ା ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ । ଏହି କାର୍ଯ୍ୟକ୍ରମରେ ଆଧାତ୍ମିକ ବାଦୀ ମଣିଷ ହରିବୋଲ କ୍ଷେତ୍ରର ସଭାପତି ଶ୍ରୀ ନଗେନ୍ଦ୍ର ପ୍ରସାଦ ଦାସ ଓ ସମ୍ଭାବନା ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀଯୁକ୍ତ ଋତୁରାଜ ଅକ୍ଷୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀ ଭୀମ ଚରଣ ପରିଡ଼ାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠ ନାଥ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କୋଠାର ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ଲିପିଲେଖା ବେହେରା, ଅଳଉତି ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ସୁବାଷିନୀ ଘଡ଼େଇ ପରିଚ୍ଛଳନା କରିଥିଲେ ।

## ମାଲାୟଲମ ଅଭିନେତା କନ୍ନନ ପଟ୍ଟାମ୍ବୀଙ୍କ ପରଲୋକ

ନୂଆଦିଲ୍ଲୀ,୫/୧ : ମାଲାୟଲମ ସିନେମାରୁ ଅତ୍ୟନ୍ତ ଦୁଃଖଦ ଖବର ଆସିଛି। ପ୍ରଖ୍ୟାତ ଅଭିନେତା ଏବଂ ପ୍ରଯୋଜନା ନିୟନ୍ତ୍ରକ କନ୍ନନ ପଟ୍ଟାମ୍ବୀଙ୍କ ପରଲୋକ ହୋଇଛି। ସେ ଜାନୁଆରୀ ୪ ତାରିଖ ରାତି ପ୍ରାୟ ୧୧:୪୦ ସମୟରେ କେରଳର କୋଝିକୋଡର ଏକ ଘରୋଇ ହସ୍ପିଟାଲରେ ୬୨ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ଦୀର୍ଘକାଳୀନ କିଡନୀ ରୋଗ ପାଇଁ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁକୁ ତାଙ୍କ ଭାଇ, ଚଳଚ୍ଚିତ୍ର ନିର୍ମାତା ଏବଂ ଅଭିନେତା ମେଜର ରବି ନିଶ୍ଚିତ କରିଛନ୍ତି।ମେଜର ରବି ସୋସିଆଲ ମିଡିଆରେ ତାଙ୍କ ଭାଇଙ୍କୁ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ଏକ ମାଲାୟଲମ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କ ପ୍ରିୟ ଭାଇ କନ୍ନନ ପଟ୍ଟାମ୍ବୀଙ୍କ ଗତକାଲି ରାତିରେ ମୃତ୍ୟୁ ଘଟିଛି। ସେ ଅନ୍ତିମ ସଂସ୍କାର ବିଷୟରେ ସୂଚନା ମଧ୍ୟ ପ୍ରଦାନ କରି କହିଛନ୍ତି ଯେ ଜାନୁଆରୀ ୫ ତାରିଖ ଅପରାହ୍ନ ୪ଟାରେ ପଟ୍ଟାମ୍ବୀଙ୍କ ପୈତୃକ ଘରେ ନଜାଙ୍ଗାଥିରିରେ ଶେଷକୃତ୍ୟ କରାଯିବ। ଏହି ପୋଷ୍ଟ ଫିଲ୍ମ ଶିଳ୍ପ ଏବଂ ପ୍ରଶଂସକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି, ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

# ଅଟଳ ବିହାରୀ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାସୁଦେବପୁର, ୫/୧ (ନି.ପ୍ର): ବାସୁଦେବପୁର ପି ଏମ ଶ୍ରୀ ଅଟଳ ବିହାରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ଅନୁବାଦକ ଓ କବି ଅଭିମନ୍ୟୁ ବେହେରା, ଶିକ୍ଷାବିତ୍ ଦୁଃଶାସନ ରାଉତ,କବି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ,ଅବସରପ୍ରାପ୍ତ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ବାରିକ୍, ପ୍ରାକ୍ତନ ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ସୁଚିସ୍ମିତା ସେନାପତି,ଜ୍ୟୋତିରେଖା ପତି ଓ ଦମୟନ୍ତୀ ଶତପଥୀ ମାନପତ୍ର ପାଠ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ମହାକୁଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ଧନକଉଡ଼ା ବ୍ଲକଠାରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୫/୧ (ନି.ପ୍ର): ଆଜି ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ଙ୍କ ର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୩୬ଟି ଆବେଦନ ଗ୍ରହଣ କରାଯାଇଥିଲା ଯେଉଁଥିରୁ ୩୩ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ସି.ଏମ. ଆର. ଏଫ ଅଧୀନ ରେ ୦୧ ଜଣଙ୍କୁ ସମୁଦାୟ ୧୫, ୦୦୦ ଟଙ୍କା ଏବଂ ରେଡକ୍ରସ ଅଧୀନରେ ସହାୟତା ୦୧ ଜଣଙ୍କୁ ସମୁଦାୟ ୨୫, ୦୦୦ ଟଙ୍କା ପ୍ରଦାନ କରାଗଲା ।

# ଗାନ୍ଧୀବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ

ବାରିପଦା , ୫/୧ (ନି.ପ୍ର): ବିଶିଷ୍ଟ ଆଇନଜୀବୀ, ସମାଜସ୍ୱେବୀ, ଦକ୍ଷ ସଂଗଠକ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ପ୍ରାକ୍ତନ ସାଧାରଣ ସମ୍ପାଦକ ଅରବିନ୍ଦ ଦାସ (ଗାନ୍ଧୀ ବାବୁ)ଙ୍କ ଦେହାନ୍ତ ଖବର ପାଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା ଓ ଖବର ପାଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବରିଷ୍ଠ ସଦସ୍ୟ ଜୀବନ କୁମାର ସାହୁ, ନିମାଇଁ ଚନ୍ଦ୍ର ଜେନା, ଲଲାଟେନ୍ଦୁ ବେହେରା, ବ୍ରଜ ରଞ୍ଜନ ପରିଛା, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ଅମର କୁମାର ସେଠୀ, ରବୀନ୍ଦ୍ର କୁମାର ମହାନ୍ତି, ଅମ୍ବିକା ରାଉତ, ସଦସ୍ୟ ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ



ପୂର୍ବକ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଓ ତତସହିତ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ପାତାକାକୁ ତାଙ୍କ ମରଶରୀର ଉପରେ ରଖି ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା ଓ ପ୍ରକାଶ ଥାଉକି ଦୀର୍ଘ ବର୍ଷଧରି ଏସୋସିଏସନ ସହିତ ଜଡିତ ରହି କ୍ରୀଡାର ବିକାଶ ପାଇଁ ନିରନ୍ତର ପ୍ରୟାସ କରିଥିଲେ ଓ ତତ୍କାଳୀନ ଜିଲ୍ଲାପାଳ ସି ଟି ଏମ ସୁଗୁଣା ୨୦୦୫ ମସିହାରେ ପୁରୁଣା ଏସୋସିଏସନକୁ ଭାଙ୍ଗି ନୂତନ ସଭ୍ୟ ଗ୍ରହଣ କରିବା ପରେ ନିର୍ବାଚନ ପ୍ରକ୍ରିୟାରେ ନୂତନ ବଡି ଗଠନ ହୋଇଥିଲା ଓ ସେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ୨୦୦୯ ମସିହା ପର୍ଯ୍ୟନ୍ତ ସୁସଂଗଠିତ ଭାବେ କ୍ରୀଡାର ବିକାଶ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇଥିଲେ ଓ ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଖେଳକୁଦ ପ୍ରତିଯୋଗିତା ଉଲ୍ଲେଖନୀୟ ଓ ପରବର୍ତ୍ତୀ କର୍ମକର୍ତ୍ତା ମାନେ ଜିଲ୍ଲାରେ କ୍ରୀଡା ସହ ବାରିପଦା ଷ୍ଟାଡିୟମର ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ସଦାସର୍ବଦା ତାଙ୍କର ଉପଦେଶ ଲୋଡୁଥିଲେ ଓ ତାଙ୍କର ଦେହାନ୍ତ ପରେ ମୟୁରଭଞ୍ଜ କ୍ରୀଡା ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବରିଷ୍ଠ ସଦସ୍ୟ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ

ବାସୁଦେବପୁର, ୫/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣୀଡିହି ଗ୍ରାମରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ରମାକାନ୍ତ ସେବା ଫାଉଣ୍ଡେସନର ଏକ ନୂତନ ଅଫିସ୍ ଗୃହ ମଧ୍ୟ ଉଦଘାଟିତ ହୋଇ ଯାଇଛି। ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରମାକାନ୍ତ ପ୍ରଧାନ ଓ ସୀତା ମଣି ପ୍ରଧାନ ଏହି ଅଫିସ୍ ଗୃହ କୁ ଉଦଘାଟନ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ସମସ୍ତ ଅତିଥି ଓ ଜନ ସାଧାରଣ ମାନଙ୍କୁ ନୂତନ ବର୍ଷ ୨୦୨୬ ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଏହି ବନ୍ଧୁ ମିଳନ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ଅବସରରେ ଏହି ବନ୍ଧୁ ମିଳନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ସଙ୍ଗୀତ ପରିବେଷଣ କରିଥିଲେ। ସିରିଏଲ କଳାକାର ଅଙ୍କିତା ମିଶ୍ର ଓ ଅନ୍ୟାନ୍ୟ ଅଭିନେତା ଅଭିନେତ୍ରୀ ଏହି ଉତ୍ସବରେ ଯୋଗ ଦେଇଥିଲେ ଓ ବିଭିନ୍ନ ଢ଼ଙ୍ଗରେ ଲୋକ ମାନଙ୍କୁ ନୃତ୍ୟ ସଙ୍ଗୀତ ଓ ଅଭିନୟରେ ମନ୍ତ୍ର ମୁଗ୍ଧ କରିଥିଲେ। ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଦୁଃଖୀ ଗରିବ ଲୋକଙ୍କୁ ନୂତନ ବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଥିଲା। ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଉତ୍ସବରେ ଯୋଗ ଦେଇଥିଲେ। ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ, ପିଣ୍ଟୁ ବାବୁ ଙ୍କ ବଡ଼ ଭାଇ, ଧର୍ମ ପତ୍ନୀ, ପରିବାର ବର୍ଗ ଓ ଫାଉଣ୍ଡେସନର ସମସ୍ତ ସଦସ୍ୟ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଚାଳିଶ ପ୍ରକାରର ସୁନ୍ଦର ଖାଦ୍ୟ ଲୋକ ମାନଙ୍କ ଖାଇବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହି ଉତ୍ସବ ଓଡ଼ିଶାର ଏକ ନିଆରା ଉତ୍ସବ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା।

# ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ଯୁବକ ଗିରଫ

ବେତନଟୀ, ୫/୧ (ନି.ପ୍ର): ବେତନଟୀ ଥାନା ଇଲାକାର ଜନୈକା ଯୁକ୍ତଦୁଇ ପଢୁଥିବା ୧୭ବର୍ଷୀୟ ନାବାଳିକାଙ୍କ ଫଟୋକୁ ଏଟିଡକରି ଉକ୍ତ ଅଶ୍ଳୀଳ ଫଟୋକୁ ନକଲି ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର ପୂର୍ବକ ଭାଇରାଲ କରିବା ଘଟଣାରେ ଅଭିଯୁକ୍ତକୁ ଗିରଫକରି ସୋମବାର କୋର୍ଟଚାଲାଣ କଲା ବେତନଟୀ ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଉଛି ବେତନଟୀ ଥାନା ଅଧୀନ ନହଣ୍ଡାଶୋଳ ଉପକଣ୍ଠ ଡୁଗୁରୁସାହିର ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତଙ୍କ ପୁଅ ରାକେଶ ମହାନ୍ତ(୨୩) । ଏତଲାକାରୀ ପୀଡିତାଙ୍କ ବାପାଙ୍କ ଅଭିଯୋଗ ମୁତାବକ ନାବାଳିକା ପୀଡିତା ଜଣକ ବୈଶିଙ୍ଗା ଥାନା ଇଲାକାର ଏକ କଲେଜରେ ଯୁକ୍ତଦୁଇ କଳାବିଭାଗରେ ଦ୍ୱିତୀୟବର୍ଷର ଛାତ୍ରୀ ଅଛନ୍ତି। ଅଭିଯୁକ୍ତ ରାକେଶ ମହାନ୍ତ ତାଙ୍କ ନାବାଳିକା ଝିଅକୁ ପ୍ରେମଜାଲରେ ଫସାଇ ଭିଡିଓକଲ କରି ସ୍କ୍ରିନଟ କରିରେ ଫଟୋ ହାତେଇ ନେଇଥିଲା। ଏହାପରେ ଏଡିଟକରି ଅଶ୍ଳୀଳଫଟୋ ପ୍ରସ୍ତୁତ ପୂର୍ବକ ଉକ୍ତ ଅଶ୍ଳୀଳ ଫଟୋ ବାଇ ରାଲ କରିବାର ଧମକଦେଇ ଅନୈତିକ ସମ୍ପର୍କ ରଖିବାକୁ ବାଧ କରିଥିଲା। ପୀଡିତା ସ୍ପଷ୍ଟଭାବରେ ମନା କରିଦେବାରୁ ଅଭିଯୁକ୍ତ ରାକେଶ ଇନଷ୍ଟାଗ୍ରାମରେ ଉକ୍ତ ଅଶ୍ଳୀଳ ଫଟୋ ସେୟାରକରି ଭାଇରାଲ କରିଦେଇଥିଲା । ଏନେଇ ବେତନଟୀ ପୁଲିସ ଆଇଟିଆକ୍ଟ ଏବଂ ପୋକ୍ସ ଆକ୍ଟରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ରାକେଶ ମହାନ୍ତକୁ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଇଲାକାରୁ ଗିରଫକରି ସୋମବାର ସ୍ୱାସ୍ଥ୍ୟପରୀକ୍ଷାପରେ ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍ ?କୋର୍ଟରେ ହାଜର କରାଇଥିଲେ। ଜାମିନ ନାମଞ୍ଜୁର ପରେ ତାକୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସୁପ୍ରିତମ କଳାକେନ୍ଦ୍ର ପକ୍ଷରୁ ୧୪ତମ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର: ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ପଂଚାୟତ ମୁଣ୍ଡୁତୁଣିଆ ବିଦ୍ୟାଳୟ ଖେଳ ପଡିଆରେ ପଲ୍ଲୀ ମେଳା କମିଟି ଆନୁକୂଲ୍ୟରେ ସୁପ୍ରିତମ କଳାକେନ୍ଦ୍ର ପକ୍ଷରୁ ୧୪ ତମ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଓ ସାଂସ୍କୃତିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହେଇଯାଇଛି ।ପଲ୍ଲୀମେଳା କମିଟିର ସଭାପତି ଅମରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ,ମୁଖ୍ୟବକ୍ତା ଭାବେ ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ହିମାଂଶୁ ଶେଖର ଘୋଷ,ଜଗଦୀଶ ଚନ୍ଦ୍ର ସାହୁ,ଯାତ୍ରା କଳାକାର ଲୋକନାଥ ଲେଙ୍କା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଗୁରୁ



ପ୍ରଫୁଲ୍ଲ ବେହେରାଙ୍କ ଧର୍ମପତ୍ନୀ ପରିବାଳା ବେହେରା ଯୋଗଦେଇ ସ୍ଥାନୀୟ ପାଲା ଗାୟକ ନିତ୍ୟାନନ୍ଦ ମଲ୍ଲିକଙ୍କୁ ଗୁରୁ ପ୍ରଫୁଲ୍ଲ ବେହେରା ସ୍ମୃତି ସମ୍ମାନ,ନୃତ୍ୟ ଗୁରୁ ସୁଶାନ୍ତ କୁମାର ବେହେରା ଏବଂ ସଂଗୀତ ଗୁରୁ ସ୍ୱରୂପ ନାୟକଙ୍କୁ ଦିନକୃଷ୍ଣ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ ।ଡ.ଶ୍ରୀନିବାସ ଘଟୁଆରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରବୋଧ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଶେଷରେ ଶିଶିର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱରୂପ ନାୟକ ନିଜର ମଧୁର କଣ୍ଠରେ ସମସ୍ତଙ୍କୁ ମନମୁଗ୍ଧ କରିଥିଲେ ।ସମ୍ବଲପୁରୀ ନୃତ୍ୟ, ରାଜସ୍ଥାନୀନୃତ୍ୟ, ଆଦିବାସୀ ନୃତ୍ୟ ଓ ଲୋକନୃତ୍ୟ ଗ୍ରୁପ ଯୋଗ ଦେଇ ବହୁ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ ।ସ୍ଥାନୀୟ ଅଂଚଳର କୁନିକୁନି ପ୍ରତିଭାମାନେ ସାଂସ୍କୃତିକ କାର୍ଯ୍ୟକ୍ରରେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ ।ସୁପ୍ରିତମ କଳାକେନ୍ଦ୍ରର ସଭାପତି ସମୀର ବେହେରା ଜଣେ ଓଡିଶୀ ନୃତ୍ୟ ଶିଳ୍ପୀ ତେଣୁ ଗ୍ରାମାଞ୍ଚଳରେ କଳାକୁ ବଂଚେଇରଖିବା ଓ ପିଲାମାନଙ୍କର ପ୍ରତିଭା ଅନେଶ୍ୱଣ କରିବା ଉଦେଶରେଏହିପରି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଆଜକୁ ୧୪ବର୍ଷ ଧରି କରିଆସୁଛନ୍ତି।

# ଭେନିଜୁଏଲା ରାଷ୍ଟ୍ରପତି ଦମ୍ପତିଙ୍କୁ ନିସର୍ତ୍ତରେ ଖଲାସ କରିବା ଦାବିନେଇ ସିପିଆଇ(ଏମ) ପକ୍ଷରୁ ପଥପ୍ରାନ୍ତ ସଭା

ଭଦ୍ରକ, ୫/୧ (ନି.ପ୍ର): ବିଶ୍ୱ ଗଣତନ୍ତ୍ରକୁ ବିପନ୍ନ କରି ଆନ୍ତର୍ଜାତିକ ଶାନ୍ତି ଆଇନକୁ ଭଙ୍ଗ କରି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେନାବାହିନୀ ଯେପରି ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ଭେନିଜୁଏଲାର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଯୁକ୍ତରାଷ୍ଟ୍ର ଆମେରିକାରେ ନେଇ ବନ୍ଦୀ କରି ରଖିଛନ୍ତି ତାହାକୁ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି ଓ ଭେନଜୁଏଲା ରାଷ୍ଟ୍ରପତି ନିକୋଲସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ନିସର୍ତ୍ତରେ ଖଲାସ କରିବାକୁ ଦାବି କରାଯାଇଛି । ଭଦ୍ରକ ବନ୍ତ ଛକ ଠାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ,



ବରିଷ୍ଠ ନେତା ପ୍ରଫୁଲ୍ଲ ପାଢୀ, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ବରିଷ୍ଠ ନେତା ନିରଞ୍ଜନ ପାଣି, ପ୍ରଫେସର ପ୍ରହଲ୍ଲାଦ ପତି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ, ଯୁବନେତା ସେକ୍ ରୋସନ, ଯୁବନେତା ସେକ୍ ଅଫଜଲ, ଯୁବନେତା ବିପ୍ଳବ ଯେନା,ଯୁବ ଆଇନଜୀବୀ ବିନୋଦ ସାହୁ, ଶ୍ରମିକ ନେତା ସେକ୍ ସିକୁ ପ୍ରମୁଖ ଯୋଗଦେଇ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦ ବିରୁଦ୍ଧରେ ଭଦ୍ରକ ବାସୀ ଏକହେବାକୁ ଆହ୍ୱାନ ଜଣାଇଥିଲେ । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଇତିହାସର ସୁରକ୍ଷା ପାଇଁ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁକ୍ତରାଷ୍ଟ୍ର ଆମେରିକାର ଏହି ଅମାନବୀୟ ଗିରଫକୁ ନିନ୍ଦା କରିବା ସହ ଭେନିଜୁଏଲା ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀ ଙ୍କୁ ଖଲାସ କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କୁ ନିବେଦନ କରିବାକୁ ସିପିଆଇ(ଏମ) ଜିଲ୍ଲା କମିଟି ପକ୍ଷରୁ ଏହି ପଥପ୍ରାନ୍ତ ସଭା ମାଧ୍ୟମରେ ନିବେଦନ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସମାଜର କଲ୍ୟାଣ ପାଇଁ ଯୁବ ଗୋଷ୍ଠୀଙ୍କ ସହଯୋଗ ଏକାନ୍ତ ଅପରିହାର୍ଯ୍ୟ: ନଗର ଉନ୍ନୟନ ମନ୍ତ୍ରୀ

ବସ୍ତା,୫।୧(ନିପ୍ର):ସମାଜକୁ ଦିଗ ଦର୍ଶନ ଦେବା ସହିତ ସାମୁହିକ କଲ୍ୟାଣ ପାଇଁ ଯୁବକ ମାନଙ୍କର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ।ଆଜି ବସ୍ତା ବ୍ଲକ ପତ୍ରଝଡା ଠାରେ ବାବା ପରମେଶ୍ୱର ମୀନା ବଜାର କମିଟିର ଚତୁର୍ଥ ବାର୍ଷିକ ମେଳା ଉଦଘାଟନ ଅବସରରେ ମନ୍ତ୍ରୀ ମହାପାତ୍ର ମୀନା ବଜାର ମାଧ୍ୟମରେ ଅଞ୍ଚଳର ଆବାଳ ବୃଦ୍ଧ ସମସ୍ତ ଜନସାଧାରଣଙ୍କ ଭିତରେ ଏକତା ଓ ସାମାଜିକ କାର୍ଯ୍ୟ ସମ୍ଭବ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତା ରାଜ୍ୟ ଅନୁସୂଚୀତ ଜନ ଜାତି ମୋର୍ଚ୍ଚା ସଭାପତି କାନ୍ଦ୍ର। ସୋରେନ,ସମ୍ମାନୀତ ଅତିଥି ଭାବେ ପ୍ରଦୀପ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।ସଭାପତି ଗୋପାଳ ସିଂହ ପୌରୋହିତ୍ୟ କରିଥିଲେ ।ସମ୍ପାଦକ ସୁଶାନ୍ତ ପରିଡା ବିବରଣୀ ପାଠ କରିଥିଲେ ।ଏଥିରେ ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ବେହେରା, ଅଜିତ କୁମାର ଲେଙ୍କା,ଶକ୍ତି ମହାପାତ୍ର,ଗୋବିନ୍ଦ ବଲ୍ଲଭ ଗିରି,ମନୋଜ ବେହେରା,ଦିଲୀପ ଖମାରୀ, ହାଡ଼ିବନ୍ଧୁ ପୃଷ୍ଟି,ହରିହର ବେହେରା,ତାରକାନ୍ତ ପାଣିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



## ଜନ ଶୁଣାଣିରେ ୧୯୨ଟି ଅଭିଯୋଗ ଗ୍ରହଣ: ୪୫ଟି ତୁରନ୍ତ ସମାଧାନ



ଭଦ୍ରକ, ୫/୧ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ସାର୍ବଜନିକ ଅଭିଯୋଗ ଯୁକ୍ତ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଯୁକ୍ତ ଶୁଣାଣିରେ ସର୍ବମୋଟ ୧୯୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିରୁ ୧୪୦ଟି ବ୍ୟକ୍ତିଗତ ସମସ୍ୟା ଏବଂ ୨୧ଟି ଗ୍ରାମ ସମସ୍ୟା ସମ୍ବନ୍ଧୀୟ ଥିଲା ।ଏହି ଯୁଗ୍ମ ଶୁଣାଣି ଅବସରରେ ମୋଟ ୧,୮୯,୦୦୦/- ଟଙ୍କା ଅନୁଦାନ ରାଶି ମଞ୍ଜୁର କରାଯାଇଛି । ଏଥିମଧ୍ୟରୁ ୨୯ ଜଣ ଆବେଦକଙ୍କ ପକ୍ଷରେ ରେଡ୍ କ୍ରସ୍ ସହାୟତା ମାଧ୍ୟମରେ ୧,୬୯,୦୦୦/- ଟଙ୍କା ଏବଂ ୨ ଜଣ ଆବେଦକଙ୍କ ପକ୍ଷରେ ମୁଖ୍ୟମନ୍ତ୍ରୀ ରିଲିଫ କୋଷ ମାଧ୍ୟମରେ ୨୦,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଶୁଣାଣି ସମୟରେ ୪୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଆର୍ଥିକ ସହାୟତା ପାଇଁ ୨ଟି ମାମଲା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଏବଂ ୨୯ଟି ମାମଲା ରେଡ୍ କ୍ରସ୍ ପାଇଁ ଗ୍ରହଣ କରାଯାଇଥିଲା ।ଏହି ଯୁକ୍ତ ଶୁଣାଣିରେ ଜିଲ୍ଲାପାଳ , ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ସମ୍ବନ୍ଧିତ ବିଭାଗକୁ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଓ ସାଧାରଣ ଜନତା ମଧ୍ୟରେ ସଂଯୋଗ ସୁଦୃଢ଼ ହୋଇଥିବା ସହ ଲୋକଙ୍କ ସମସ୍ୟାର ଦ୍ରୁତ ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି ।

## ଦିଲ୍ଲୀ ଦଙ୍ଗାରେ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତିର ମୁଖ୍ୟମନ୍ତ୍ରୀ କଲେ ସ୍ୱାଗତ

ନୂଆଦିଲ୍ଲୀ,୫/୧ : ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଉଚ୍ଚତମ ନ୍ୟାୟାଳୟର ସେହି ନିଷ୍ପତିର ସ୍ୱାଗତ କରିଛନ୍ତି, ଯେଉଁଥିରେ ନ୍ୟାୟାଳୟ ରାଜଧାନୀରେ ହୋଇଥିବା ଦଙ୍ଗାର ଅଭିଯୁକ୍ତ ଶରଜିତ ଇମାମ ଏବଂ ଉମର ଖାଦିଲଙ୍କ ଜାମିନ ଆବେଦନ ଖାରଜ କରିଦେଇଛନ୍ତି ।

ରେଖା ଗୁପ୍ତା ସୋମବାର ଦିନ ମିଡିଆକୁ କହିଛନ୍ତି, ଯେଉଁ ଲୋକମାନେ ଦିଲ୍ଲୀକୁ ଦଙ୍ଗାର ନିଆଁରେ ପୋଡ଼ିବାର କାମ କରିଛନ୍ତି, ସେମାନଙ୍କୁ କଠୋର ସଜା ମିଳିବା ଦରକାର । ଏହାସହିତ ଯେଉଁ ରାଜନୀତିକ ଦଳ ସମର୍ଥନ ଦେଇଛନ୍ତି, ସେମାନଙ୍କୁ ମଧ କଡ଼ା ସନ୍ଦେଶ ଯିବା ଦରକାର । ସେ ମଧ ସଜାରେ ଭାଗି ଅଛନ୍ତି । ଉଲ୍ଲେଖନୀୟ ଯେ ଉଚ୍ଚତମ ନ୍ୟାୟାଳୟ ୨୦୨୦ର ଦିଲ୍ଲୀ ଦଙ୍ଗାର ଷଡ଼ଯନ୍ତ୍ର ମାଢ଼ଲାରେ ଅଭିଯୁକ୍ତ ଉମର ଖାଲିଦ ଏବଂ ଶରଜିଲ ଇମାମଙ୍କୁ ଜାମିନ ଦେବାକୁ ନା କରିଛନ୍ତି ।

## କାଳନ୍ଦା ଫୁଟବଲ ଟୁର୍ଣ୍ଣାମେଣ୍ଟ : ଖେଳାଳୀ ଓ ଗ୍ରାମବାସୀଙ୍କ ଗହଣରେ ବିଧାୟିକା ସୁବାସିନୀ ଜେନା



ବାଲିଆପାଳ , ୫/୧ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ କାଳନ୍ଦା ଗ୍ରାମର 'ଜାହିର ଗାଡିଆ ଯୁବକ ସଂଘ' ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦଯାପିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲରେ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦ ପୁରର ଅନ୍ଧାରି ଫୁଟବଲ କ୍ଲବକୁ ହରାଇ ବାଲେଶ୍ୱର ଜିଲ୍ଲା ବସ୍ତାର ଦହିସାରି ଫୁଟବଲ କ୍ଲବ ଚମ୍ପିଆନ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ । ସମାଜସେବୀ ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ, ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ, ବ୍ଲକ ସଦସ୍ୟ ମୀନକେତନ ଦାସ ମହାପାତ୍ର, ଗ୍ରାମ ମୁଖିଆ ଦୈତାରୀ ନାୟକ, ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ,ୱାର୍ଡ ସଦସ୍ୟ ନିତ୍ୟାନନ୍ଦ ଦାସ ମହାପାତ୍ର, ବିଭୁତି ଦାସ ମହାପାତ୍ର, ପୂର୍ବତନ ସରପଞ୍ଚ କୀର୍ତ୍ତନ ଧଳ, ବାବୁରାମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବରେ ବାରିପଦା ନିକଟସ୍ଥ ଦାମୋଦରପୁର ଫୁଟବଲ କ୍ଲବ ଓ ଚତୁର୍ଥ ଦଳ ଭାବରେ ମୟୁରଭଞ୍ଜର ଦୁର୍ଗାପୁର ଫୁଟବଲ କ୍ଲବକୁ ପୁରସ୍କୃତ କରା ଯାଇଥିଲା । ପ୍ରାରମ୍ଭରେ ଆଦିବାସୀ ଭାଇ ଭଉଣୀମାନେ ପାରମ୍ପରିକ ନୃତ୍ୟ ସହ ବିଧାୟିକା ଶ୍ରୀମତୀ ଜେନାଙ୍କୁ ସ୍ୱାଗତ କରି ଥିଲେ । ବିଧାୟିକା କିଛି ସମୟ ପାଇଁ ବାଦ୍ୟର ତାଳେ ତାଳେ ତାଙ୍କ ସହ ପାଦକୁ ପାଦ ମିଶାଇ ସମସ୍ତଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ଜାହିର ଗାଡ଼ିଆ ଆଦିବାସୀ ଯୁବକ ସଂଘର ସଭାପତି ସୁମନ୍ତ ବେଶ୍ରା, ସମ୍ପାଦକ ହରିଶ ଚନ୍ଦ୍ର ବେଶ୍ରା, ଗୁରୁଭା ବେଶ୍ରା, ରଞ୍ଜନ ସୋରେନ, ମେନେଜର ନବ ସୋରେନଙ୍କ ସହିତ ରୁପାଇ ଟୁଡୁ, ବାପି ବେଶ୍ରା, ମନ୍ମଥ ବେଶ୍ରା, ସୁବନ ମାରାଣ୍ଡି, ବାଲକୁ ମୂର୍ମୁ, ମାଧବ ବେଶ୍ରା, ମଧୁ ସୋରେନ, ରଥ ବେଶ୍ରା, ସାନ ଟୁଡୁ, ମୋଚିରାମ ସୋରେନଙ୍କ ସମେତ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଂଘର ସଭାପତି ସୁମନ୍ତ ବେହେରା ସମସ୍ତ ଅତିଥି ଓ ଖେଳାଳି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାର ଆକର୍ଷଣ: ରୟାଲ ରିଭେଞ୍ଜ ମେଲୋଡି



ବୈଶିଙ୍ଗା, ୫/୧ (ନି.ପ୍ର): ଚତୁର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ରୟାଲ ରିଭେଞ୍ଜ ମେଲୋଡି ।ଭରପୁର ଦର୍ଶକ ଏହି କାର୍ଯ୍ୟକ୍ରମ ମନଭରି ଉପଭୋଗ କରିଥିଲେ । ' ଆମେ ଓଡିଆ ଭାରି ବଢିଆ ' ଏହି ଭାବନାକୁ ନେଇ ଏଙ୍କର ମିସ୍ ଦେବଶ୍ରୀ ମହାନ୍ତି ଦର୍ଶକଙ୍କୁ ଆକର୍ଷିତ କରି ପାରିଥିଲେ । ଗାୟକ କ୍ଷିତିଶ କୁମାର ଙ୍କ କଣ୍ଠର ଯାଦୁ ବୟସ୍କ ଦର୍ଶକ ଙ୍କୁ ଯେତିକି ଆନନ୍ଦ ଆଣି ଦେଇଥିଲା ତା ଠାରୁ ଅଧିକ ଯୁବ ପିଢିଙ୍କୁ ନଚେଇ ପାରିଥିଲା । ମେଲୋଡି ପୂର୍ବରୁ ମହୋତ୍ସବର ସଂଯୋଜକ ଦୀପକ କୁମାର ପ୍ରଧାନ ଙ୍କ ଆମନ୍ତ୍ରଣ କ୍ରମେ ଅତିଥି ଭାବେ ମୁତିଲାଲ ହାଇସ୍କୁଲର ଗଣିତ ଶିକ୍ଷକ ରବୀନ୍ଦ୍ର କୁମାର ପରିଡା, ସଦସ୍ୟ ବିଶ୍ୱମ୍ଭର ରାଉତ , ଶିଶିର କୁମାର ନାଏକ, ଶୈଳେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ହୋଇ ଜଗନ୍ନାଥ ଙ୍କ ଠାରେ ଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏଥି ସହିତ ଅତିଥି ମାନେ ପୀଠାଧିଶ ମୁକ୍ତେଶ୍ୱର ମହାଦେବ ଏବଂ ଗ୍ରାମ ଦେବତୀ ମାଆ ବାସୁଳୀ ଙ୍କ ଦୟାରୁ ଏହି ମହୋସବ ଦୀର୍ଘାୟୁ ହେଉ ଏବଂ ଏହା ଜରିଆରେ ଅଞ୍ଚଳବାସୀ ଙ୍କ ମନୋରଞ୍ଜନ କରିଥାଉ ବୋଲି ମତବ୍ୟକ୍ତ କରିଥିଲେ । ସଦସ୍ୟ ପଙ୍କଜ କୁମାର ପଣ୍ଡା, ବିମଳେନ୍ଦୁ ମହାପାତ୍ର,ସତ୍ୟ ପ୍ରକାଶ ପ୍ରଧାନ, ସୀତାନାଥ ବେହେରା,ସଞ୍ଜୟ କୁମାର ମିଶ୍ର, ସରୋଜ କୁମାର ପତି, ଦେବେନ୍ଦ୍ର କୁମାର ପଣ୍ଡା, ଅଜିତ ସାସମଲ, ରଣଜିତ ନାୟକ, ସତ୍ୟଜିତ ରାଉତ ଙ୍କ ସମେତ ପ୍ରାୟ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆରମ୍ଭ ହେଉନି ଧାନକିଣା: ହନ୍ତସନ୍ତ ହେଉଛନ୍ତି ଚାଷୀ



ଖଇରା, ୫/୧ (ନି.ପ୍ର): ମନ୍ତ୍ରୀଙ୍କ ଉଦଘାଟନକୁ ୭ଦିନ ପୁରିଥିବା ବେଳେ ଏ ପର୍ଯ୍ୟନ୍ତ ଖଇରା ବ୍ଲକ ସମେତ ସମଗ୍ର ବାଲେଶ୍ୱର ଜିଲାରେ ଧାନ କିଣା ଆରମ୍ଭ ହୋଇ ପାରୁନାହିଁ । ଏଭଳି କି ସମିତିମାନଙ୍କ ସହ ଯୋଗାଣ ବିଭାଗ ର ଚୁକ୍ତି ପ୍ରକ୍ରିୟା ଏ ପର୍ଯ୍ୟନ୍ତ ସରିନାହିଁ । ସେପଟେ ୨୯ତାରିଖରୁ ଟୋକନ ପାଇଥିବା ଚାଷୀଙ୍କ ସମୟସୀମା ସରି ଆସୁଥିବାରୁ ସେମାନଙ୍କ ମୁଣ୍ଡରେ ଏବେ ଚଡକ ପଡିଛି । ଚାଷୀମାନେ ଖୋଲା ଆକାଶ ତଳେ ବର୍ଷକର ଭାତ ହାଣ୍ଡିକୁ ସାଇତି ରଖି ସରକାରଙ୍କ ଜିଲା ପ୍ରସାସନର ନିଷ୍ପତ୍ତିକୁ ଚାତକ ଭଳି ଚାହିଁ ବସିଛନ୍ତି । ଖଇରା ବ୍ଲକରେ ଚଳିତ ବର୍ଷ ପାଖାପାଖି ୧୯ହଜାର୪ଶହ ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ନଭେମ୍ବର ଶେଷ ସପ୍ତାହରୁ ଅମଳ ସରଗଲାଣି । ଜିଲା ସ୍ତରୀୟ କମିଟି ଡିସେମ୍ବର ୨୯ରୁ ଧାନକିଣିବାକୁ ନିଷ୍ପତ୍ତି ନେବା ପରେ ୩୦ଭାଗ ଛୋଟ ଚାଷୀ ଅଳ୍ପ ମୁଲ୍ୟରେ ବଙ୍ଗ ବ୍ୟବସାୟୀଙ୍କୁ ବିକିବାକୁ ବାଧ୍ୟ ହୋଇ ସାରିଛନ୍ତି । ଖଇରା ବ୍ଲକର ଅନ୍ତରା ଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ୨୯ତାରିଖ ଦିନ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମଣ୍ଡି ଉଦଘାଟନ କରିବା ଖବର ପ୍ରଚାର ହେବା ପରେ ସେହି ଦିନ ଠାରୁ ଚାଷୀ ଧାନବିକିବେ ବୋଲି ମନରେ ଆଣ୍ଟବାନ୍ଧି ବସିଥିଲେ । ହେଲେ ଡିସେମ୍ବର ୨୯ ତାରିଖର ଉଦ୍‌ଘାଟନୀ ପର୍ବର ଭୋଜିଭାତ ସରି ନୁଆବର୍ଷର ୪ଦିନ ଅତିକ୍ରାନ୍ତ ହୋଇ ସାରିଲାଣି । ଏ ପର୍ଯ୍ୟନ୍ତ ଧାନକିଣାର ଗନ୍ଧବାସନା ନାହିଁ । ପ୍ରଥମେ ଧାନକିଣିବାକୁ ଇଚ୍ଛୁକଥିବା ସେବା ସମବାୟ ସମିତି ସହ ଯୋଗାଣ ବିଭାଗର ଚୁକ୍ତି ପ୍ରକ୍ରିୟା ଏବଂ ତାପରର ମିଲର ଟ୍ୟାଗ କରାଯିବା ପ୍ରକ୍ରିୟା ରହିଥିବାରୁ ଏବର୍ଷ ଧାନକିଣାରେ ଅନିଶ୍ଚିତତା ଦେଖାଦେଇଛି । ସେହିଭଳି ମନ୍ତ୍ରୀ ଖବରଦାତାଙ୍କୁ ଦେଇଥିବା ପ୍ରତିକ୍ରିୟାରେ ଚାଷୀଙ୍କର ସମସ୍ତ ଟୋକନ ଧାନ କିଣାଯିବ ବୋଲି କହିଥିଲେ । ଏବେ ୭୫କୁଇଣ୍ଟାଲ ଧାନ ବିକିବାକୁ ଟୋକନ ପାଇଥିବା ଚାଷୀଙ୍କ ସର୍ବାଧିକ ୬୦କୁଇଣ୍ଟାଲ ଧାନ କିଣିବାକୁ ଜିଲା କମିଟିର ନିଷ୍ପତ୍ତିପରେ ବହୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ମନ୍ତ୍ରୀ ବଡ କି ଜିଲାପାଳ ବଡ ଏହାକୁ ନେଇ ଚାଷୀଙ୍କ ମନରେ ଏବେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଧାନକିଣିବା ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁଙ୍କୁ ଯୋଗାଯୋଗ କରିବାରେ ଏବେ ସେବା ସମବାୟ ସମିତି ଗୁଡିକଙ୍କ ସହ ଚୁକ୍ତି ପ୍ରକ୍ରିୟା ଚାଲୁଛି । ତାପରେ ମିଲଟ୍ୟାଗ କରାଯିବ ବୋଲି କହିଛନ୍ତି ।

## ମିଲର୍ସ ସଂଘ ସହ ଯୋଗାଣ ନିଗମ ଏମଡିଙ୍କ ବୈଠକ

ଭୁବନେଶ୍ୱର, ୫/୧ (ନି.ପ୍ର): ଧାନ ମଣ୍ଡି ଅବ୍ୟବସ୍ଥା ଅଭିଯୋଗ ନେଇ ମିଲର୍ସ ଆନ୍ଦୋଳନ ପ୍ରସଙ୍ଗ । ମିଲର୍ସ ସଂଘ ସହ ଯୋଗାଣ ନିଗମ ଏମଡିଙ୍କ ବୈଠକ । ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ମୁଖ୍ୟ କାର୍ଯ୍ୟାଳୟରେ ବସିଛି ବୈଠକ । ମିଲର୍ସ ସଂଘ କର୍ମକର୍ତ୍ତା ମାନେ ଉପସ୍ଥିତ ଅଛନ୍ତି । ଗତକାଲି ଏ ନେଇ ବିଭାଗୀୟ ମନ୍ତ୍ରୀ ଓ ମିଲର୍ସ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା । କିନ୍ତୁ ସେଥିରେ କୌଣସି ନିଷ୍କର୍ଷ ବାହାରି ନଥିଲା । ଫଳରେ ରାଜ୍ୟରେ ଧାନ କିଣାକୁ ନେଇ ସମସ୍ୟା ଉପୁଜିଛି । କଷ୍ଟମ୍ ମିଲିଂ ଦର ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ ଏବଂ ଧାନ ପରିବହନ ଖର୍ଚ୍ଚ ପୂର୍ବ ଭଳି ଦେବାକୁ ଦାବି କରିଛି ଅଲ ଓଡ଼ିଶା ମିଲର୍ସ ଆସୋସିଏସନ୍ ।

## ନିଃଶୁଳ୍କ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ




ନୀଳଗିରି , ୫/୧ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବଣଧୂଳିର ଫୁଲ' ଓ ଅଯୋଧ୍ୟା ଆଞ୍ଚଳିକ ମହାବିଦ୍ୟାଳୟ ଦ୍ୱାରା ତଥା ନର୍ମଦା ଫାଉଣ୍ଡେସନ ସହଯୋଗରେ ସୋମବାର ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଏକ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷାଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସୂର୍ଯ୍ୟମଣୀ ନେତ୍ରାଳୟର ଅଭିଜ୍ଞ ଡାକ୍ତର ଏବଂ ସହକର୍ମୀଙ୍କ ଦ୍ୱାରା ୬୯ ଜଣ ରୋଗୀଙ୍କୁ ଚକ୍ଷୁପରୀକ୍ଷା କରାଯାଇ ୩୧ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ଆଜି ୧୫ଜଣ ରୋଗୀଙ୍କୁ ଭୋଗରାଇ ସ୍ଥିତ ସୂର୍ଯ୍ୟମଣୀ ନେତ୍ରାଳୟକୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ନିଆଯାଇଛି । ଅବଶିଷ୍ଟ ୧୬ଜଣ ରୋଗୀଙ୍କୁ ପରବର୍ତ୍ତୀ ସମୟରେ ନିଆଯାଇ ଅସ୍ତ୍ରୋପଚାର କରାଯିବାର ବ୍ୟବସ୍ଥା କରାଯାଇଛି ।ଏହି ଶିବିରକୁ ବଣଧୂଳିର ଫୁଲର ଅଧକ୍ଷ ବିଜୟ ଆଚାର୍ଯ୍ୟ ଓ ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ଚରଣ ବିଶ୍ୱାଳ ଆୟୋଜନ କରିଥିବା ବେଳେ ପ୍ରମୁଖ ସଂଯୋଜିକା କବିତା ସିଂ ସଂଯୋଜନା କରିଥିଲେ । ନର୍ମଦା ଫାଉଣ୍ଡେସନର ପ୍ରତିଷ୍ଠାତା ଅଧକ୍ଷ ଡା: ଜ୍ୟୋତି ମହାନ୍ତି ଓ ପରିଚାଳନା ଟ୍ରଷ୍ଟି ବୈଷୟିକ ସହଯୋଗ କରିଛନ୍ତି । ସୂର୍ଯ୍ୟମଣୀ ନେତ୍ରାଳୟର ଚକ୍ଷୁପରୀକ୍ଷକ ଓମ୍ ମହାନ୍ତ ଓ ମୋନାଲିସା ଦାସ ଚକ୍ଷୁପରୀକ୍ଷା କରିଥିବାବେଳେ ସେବିକା ଲତିକା ମହାନ୍ତ, ସୋନାଲି ନାୟକ, ଜୟନ୍ତୀ ମହାନ୍ତି ଓ ସୀମା ମୁଖି ପ୍ରମୁଖ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ନର୍ମଦା ଫାଉଣ୍ଡେସନର ସଂଯୋଜିକା ସଂଚାଳନ କରିଥିବାବେଳେ ମହାବିଦ୍ୟାଳୟର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଆୟୋଜନରେ ସହଯୋଗ କରିଥିଲେ ।

## ବିଦ୍ୟାଳୟସ୍ତରୀୟ ପି.ଏମ୍.ଶ୍ରୀ. ଉତ୍ସବ ଅନୁଷ୍ଠିତ

### ବଦଳିଯିବ ରୂପରେଖ, ସୃଷ୍ଟି ହେବ ସୁନ୍ଦର ଶୈକ୍ଷିକ ବାତାବରଣ

ଉଦଳା, ୫/୧ (ନି.ପ୍ର): ଉଦଳା ସହର ମଧ୍ୟରେ ଥିବା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଚଳିତ ଜାନୁଆରି ୪ ତାରିଖ ରବିବାର ଦିନ ବିଦ୍ୟାଳୟ ସ୍ତରୀୟ ପି.ଏମ୍ .ଶ୍ରୀ. ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଗୋଟିଏ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ତନୁଜା ମାଧୁରୀ ଦାସ ଅଧକ୍ଷତା କରି , ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଆମର ଏହି ବିଦ୍ୟାଳୟଟି ଚଳିତ ବର୍ଷ ୫୫ ବର୍ଷ ବୟସରେ ପଦାର୍ପଣ କରିଛି । ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏହାକୁ ପି.ଏମ୍.ଶ୍ରୀ. ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ସମସ୍ତଙ୍କ ମଧ୍ୟରେ ଏକ ଭିନ୍ନ ସ୍ୱାଦର ଉତ୍ସାହ ଖେଳି ଯାଇଛି ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଜାତୀୟ ଶିକ୍ଷାନୀତିକୁ ଓଡ଼ିଶାରେ ପୂର୍ବରୁ କ୍ଷମତାରେ ଥିବା ସରକାର ଗ୍ରହଣ କରୁନଥିବା ଯୋଗୁ ଏହି ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁ ନଥିଲା । ବର୍ତ୍ତମାନ ଡ଼ବଲ ଇଂଜିନ ସରକାର କ୍ଷମତା ଦଖଲ କରିବା ପରେ ଏହା କାର୍ଯ୍ୟକାରି ହୋଇପାରୁଛି ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଏକଦା ଭାରତର ଶିକ୍ଷା ଓ ଦର୍ଶନ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଆଲୋକବର୍ତିକା ସାଜିଥିଲା ବୋଲି ବ୍ୟକ୍ତ କରିଥିଲେ । ଉଦଳାରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ପି.ଏମ୍.ଶ୍ରୀ. ଯୋଜନା ଦ୍ୱାରା ଶିକ୍ଷାକେନ୍ଦ୍ରର ରୂପରେଖ ବଦଳିଯିବା ସାଙ୍ଗକୁ ଏ କ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟି ହେବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ, ଶିକ୍ଷୟିତ୍ରି ଆଦ୍ୟାଶା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ପରିଚାଳନା କମିଟିର ସଭାପତି ରବିନ୍ଦ୍ର ପରିଡ଼ା ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଦେଶରେ ବିପ୍ଳବାତ୍ମକ ପରିବର୍ତନ ଆଣିବ ବୋଲି ଆଶା ବାନ୍ଧିଥିବାର କଥା ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ଉତ୍ସବର ଯବନିକା ପଡ଼ିଥିଲା ।

## ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କର୍ମଶାଳା

ବାଲିଆପାଳ , ୫/୧ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ଅଗ୍ନି ନିରାପତ୍ତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟଶାଳାରେ ବାଲିଆପାଳ ଅଗ୍ନିଶମ ବିଭାଗର ଫାୟାର୍ ଅଫିସର୍ କାଶୀନାଥ ମାରାଣ୍ଡି ଓ ତାଙ୍କ ସହକର୍ମୀଗଣ ଉପସ୍ଥିତ ଜନ ସାଧାରଣ ଓ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ବନ୍ଧରେ ବୁଝାଇବା ସହ କୋଉଠି ବି ଅସାବଧାନତା ବଶତଃ ଗ୍ୟାସ୍ ପେଟ୍ରୋଲ ବା ଅନ୍ୟ କୌଣସି ପ୍ରକାରରେ ନିଆଁ ଲାଗିଗଲେ ହଠାତ୍ ଭୟଭୀତ ନ ହୋଇ ସାମାନ୍ୟ ଧୈର୍ଯ୍ୟର ସହ କାର୍ଯ୍ୟ କଲେ କେମିତି ସହଜରେ ନିଆଁକୁ ଆୟତ୍ତ କରା ଯାଇପାରେ ତାହା ପ୍ରତ୍ୟକ୍ଷରେ କରି ଦର୍ଶାଇ ଥିଲେ । ଏହି ସମୟରେ କେନ୍ଦ୍ର ମୁଖ୍ୟ ଡଃ ପ୍ରୀତମ କୁମାର ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ପ୍ରାୟ ପ୍ରତି ବର୍ଷ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଏହି ପ୍ରକାର କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥାଏ । କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସୁପରଭାଇଜର ରମାନାଥ କର, ମୁଖ୍ୟ ଫାର୍ମାସିଷ୍ଟ ସରୋଜ କୁମାର ଦାସ ଓ ଏକାଉଣ୍ଟେଣ୍ଟ ତପନ କୁମାର ପ୍ରଧାନ ପରିଚାଳନା କରିଥିଲେ । ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଝୁନୁବାଲା ଦେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହଯୋଗ ଭ୍ରାମ୍ୟମାଣ ସହାୟତା ରଥ ଶୁଭାରମ୍ଭ



ବାଲେଶ୍ୱର , ୫/୧ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସହଯୋଗ ଭ୍ରାମ୍ୟମାଣ ସହାୟତା ଭ୍ୟାନର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଦ୍ୱାରା ପତାକା ଦେଖାଇ ହୋଇଯାଇଛି । ଏହି ଭ୍ୟାନ୍ ଜିଲ୍ଲାର ପୌରାଞ୍ଚଳ, ବ୍ଲକ ତଥା ଗ୍ରାମାଞ୍ଚଳ ଗସ୍ତ କରି ସରକାରଙ୍କ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ । ସହଯୋଗ ଭ୍ରାମ୍ୟମାଣ ସହାୟତା ଭ୍ୟାନର ଉଦ୍ଦେଶ୍ୟ ଯୋଗ୍ୟ ହିତାକାରୀ ଯୋଉମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ରହିଯାଇଛନ୍ତି, ସେମାନଙ୍କୁ ସଚେତନ କରିବା । ଏହି ହିତାକାରୀମାନେ 'ସହଯୋଗ' ପୋର୍ଟାଲ ମାଧ୍ୟମରେ ନିଜକୁ ଯୋଡ଼ି ସମସ୍ତ ଯୋଗ୍ୟ ଯୋଜନାର ଲାଭ ପାଇପାରିବେ । ଏହା ସହିତ ଯେଉଁ ମାନେ ସହରାଞ୍ଚଳରେ ରହି ମଧ ଆର୍ଥିକ ଅନଗ୍ରସର ଶ୍ରେଣୀଭୁକ୍ତ ସେମାନେ ମଧ ଏଥିରେ ଯୋଡି ହୋଇ ଲାଭାନ୍ୱିତ ହେବେ । ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ), ରାସନ କାର୍ଡ, ଇ-ଶ୍ରମ କାର୍ଡ, ସୁଭଦ୍ରା ଯୋଜନା, ଗାରିମା ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ ସୁରକ୍ଷା ବୀମା ଯୋଜନା, ପାଇପ୍ ଯୋଗେ ପାନ ପାନୀୟ ଜଳ ଯୋଗାଣ, ପିଡବ୍ଲୁଡି ପରିଚୟ ପତ୍ର, ଯୋଗ୍ୟ ହିତାଧିକାରୀ ଏହିସବୁ ଏହିସବୁ ଯୋଜନାର ଲାଭ ପାଇପାରିବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ,ବାଲେଶ୍ୱର ମ୍ୟୁନିସିପାଲଟି , ନିର୍ଲିପ୍ତ । ମହାନ୍ତି ,ବାଲେଶ୍ୱର ତହସିଲଦାର ଦେବୀ ପ୍ରସନ୍ନ ସାରସ୍ୱତ ପ୍ରମୁଖ ଉପସ୍ଥିତ ଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida